• Vol.- 46, Issue No. 132
• Tuesday, 11 August 2026
• ମଙ୍ଗଳବାର, ୧୧ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




# ଝାଡ଼ଖଣ୍ଡରେ ଛାତ୍ରଙ୍କ ରଣହୁଙ୍କାର

✦ ନିଯୁକ୍ତି ପରୀକ୍ଷାରେ ଅନିୟମିତତାର ପ୍ରତିବାଦ ✦ ଲାଠି ଚାର୍ଜ,ପାଣିମାଡ଼ : ପୋଲିସ ସହ ଧସ୍ତାଧସ୍ତି
✦ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ: ମୁଖ୍ୟମନ୍ତ୍ରୀ
✦ ଝାଡ଼ଖଣ୍ଡ ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଗିରଫ ✦ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନେଲା ତଦନ୍ତ ଦାୟିତ୍ୱ

ରାଞ୍ଚି,୧୦।୮: ଝାଡ଼ଖଣ୍ଡ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ପ୍ରତିବାଦ କରି ହଜାର ହଜାର ଛାତ୍ର ଏବଂ ଚାକିରି ଆଶାୟୀ ସୋମବାର ସକାଳେ ବିଧାନସଭା ଅଭିମୁଖେ ଶୋଭାଯାତ୍ରା କରିଥିଲେ।ଛାତ୍ର ଓ ଜେନ-ଜିଙ୍କ ରଣହୁଙ୍କାର ଦେଖିବାକୁ ମିଳିଛି। ଅନେକ ଜାତୀୟ ପତାକା ହାତରେ ଧରିଥିଲେ। ଏକାଧିକ ପରୀକ୍ଷାରେ ଅନିୟମିତତାକୁ ନେଇ ଗତ ୧୬ ଦିନ ହେଲା ଚାଲିଥିବା ଛାତ୍ର ଆନ୍ଦୋଳନ ତୀବ୍ର ହୋଇଛି। ରାଞ୍ଚିରେ ଛାତ୍ର ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଭାଙ୍ଗି ଝାଡ଼ଖଣ୍ଡ ବିଧାନସଭାରେ ସମ୍ମୁଖରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ ଏବଂ ପାଣି ତୋପ ଏବଂ ଲୁହବୁହା ଗ୍ୟାସ ବ୍ୟବହାର କରିଥିଲା। ସେ ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଦାବି କରିଥିଲେ ଯେ ବାଡ଼ି ନୁହେଁ, ଆଲୋଚନା ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇପାରିବ।ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ରାଜ୍ୟ ସିଆଇଡି ଝାଡ଼ଖଣ୍ଡ ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଏଲ୍ ଖିଆଙ୍ଗଟେଙ୍କୁ ମଧ୍ୟ ଗିରଫ କରିଛି।ଖିଆଙ୍ଗଟେ ଜୁଲାଇ ୨୨ରେ ପଦରୁ ଇସ୍ତଫା ଦେଇଥିଲେ। ନିଯୁକ୍ତି ପରୀକ୍ଷାରେ ସଂସ୍କାର ଦାବିରେ ହଜାର ହଜାର ଛାତ୍ର ବିଧାନସଭାରେ ପହଞ୍ଚିବା ପରେ ଗିରଫ କରାଯାଇଥିଲା। ଅନଶନରେ ଥିବା ଛାତ୍ର ନେତା ଦେବେନ୍ଦ୍ର ମାହତୋ ମଧ୍ୟ ଏହି ପଦଯାତ୍ରାର ଅଂଶ ଥିଲେ। ବିକ୍ଷୋଭକାରୀମାନଙ୍କୁ ଅଟକାଇବା ପାଇଁ ପୋଲିସ ପାଣି ତୋପ ବାହାର କରିବା ସମୟରେ, କିଛି ଛାତ୍ର ପାଣି ପ୍ରବାହ ବେଳେ ନାଚିବା ଆରମ୍ଭ କରିଥିଲେ, ଯାହା ପାଟନାରେ ନିଟ୍ ପ୍ରତିବାଦର ପରିଚିତ ଦୃଶ୍ୟକୁ ଉଦ୍‌ଜୀବିତ କରିଥିଲା। ପ୍ରତିବାଦର ପ୍ରମୁଖ କାରଣ ମଧ୍ୟରେ ଝାଡ଼ଖଣ୍ଡ ପବ୍ଲିକ୍ ସର୍ଭିସ୍ କମିଶନ (ଜେପିଏସସି) ଏବଂ ଝାଡ଼ଖଣ୍ଡ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଜେଏସଏସପି) ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷାରେ ପେପର୍ ଲିକ୍ ଥିଲା। ଆଜିର ଶୋଭାଯାତ୍ରା ବିଭିନ୍ନ ଆନ୍ଦୋଳନକାରୀ ସଂଗଠନ ଏବଂ ସରକାର ଦ୍ୱାରା ନିଯୁକ୍ତ ଏକ ପ୍ୟାନେଲ୍ ମଧ୍ୟରେ ବହୁ ପର୍ଯ୍ୟାୟ ଆଲୋଚନା ପରେ ଆରମ୍ଭ ହୋଇଥିଲା। ଅଧିକାରୀମାନେ କହିଛନ୍ତି ଯେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଝାଡ଼ଖଣ୍ଡରେ ବହୁ ନିଯୁକ୍ତି ପରୀକ୍ଷା ବିଶେଷକରି ଜେଏସଏସସି-ସିଜିଏଲ୍ ପରୀକ୍ଷାରେ ଅନିୟମିତତାର ଅଭିଯୋଗର ତଦନ୍ତ ଆରମ୍ଭ କରିଛି।

---

### କଲମ୍ବିଆ ଥରିଲା: ୭.୪ ତୀବ୍ରତାର ଭୂମିକମ୍ପ

## ୨୦ କୋଠା ଭୁଶୁଡ଼ି ପଡ଼ିଛି: ୪୭ ମୃତ



କଲମ୍ବିଆ,୧୦।୮: ଆଜି ସକାଳେ କଲମ୍ବିଆରେ ଏକ ବଡ଼ ଧରଣର ଭୂମିକମ୍ପ ହୋଇଛି। ପଡ଼ୋଶୀ ଭେନେଜୁଏଲା ଏବଂ ଇକ୍ୱେଡରରେ ଏବଂ ରାଜଧାନୀ ବୋଗୋଟାରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା। ୭.୪ ତୀବ୍ରତାର ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଥିଲା ସାନ ଜୋସେ ଡେଲ ପାଲମାର, ଯାହା କଲମ୍ବିଆର ରାଜଧାନୀରୁ ପ୍ରାୟ ୨୫୦ ମାଇଲ (୪୦୦ କିଲୋମିଟର) ପଶ୍ଚିମରେ ଅବସ୍ଥିତ। କଲମ୍ବିଆର କାଲି ସହରରେ ଅତି କମ୍‌ରେ ୨୦ଟି କୋଠା ଭୁଶୁଡ଼ି ପଡ଼ିଛି। ଅନ୍ୟୂନ ୪୭ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ସୂତ୍ରରୁ ପ୍ରକାଶ। ବହୁ ଲୋକ ତାହା ଭିତରେ ଫସି ରହିଛନ୍ତି। ମେୟର ଆଲେଜାଣ୍ଡ୍ରୋ ଏଡର ଏହି ସୂଚନା ଦେଇଥିବା ଜଣାପଡ଼ିଛି।ଚୋକୋର ରାଜ୍ୟପାଳ ନୁବିଆ କର୍ଡୋବା କହିଛନ୍ତି ଯେ ଏହି ଅଞ୍ଚଳ 'ଏକ ଗୁରୁତର ଭୂମିକମ୍ପ ପ୍ରବଣ' । ପ୍ରାଦେଶିକ ରାଜଧାନୀ କ୍ୱିବଡୋରେ କୋଠାଗୁଡ଼ିକ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବାର ରିପୋର୍ଟ ମିଳିଛି।

---

### ଆଗ୍ରିଷ୍ଟାକ ପଂଜୀକରଣ ବାଧ୍ୟତାମୂଳକ ନୁହେଁ


## ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ନାହିଁ ଚାଷୀ



ଭୁବନେଶ୍ୱର,୧୦।୮: ଆଗାମୀ ଖରିଫଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ।ବୈଠକର ମୁଖ୍ୟ ନିଷ୍ପତ୍ତି ଓ ଆଲୋଚନା ଅନୁଯାୟୀ ବର୍ତ୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଂଜୀକରଣ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଂଜୀକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମନ୍ୱିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଂଜୀକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ।

---

## ୨ ଚାଷୀଙ୍କ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ !



କେନ୍ଦ୍ରାପଡ଼ା,୧୦।୮: ସମସ୍ୟାର ସମାଧାନ ନହେବାରୁ ପ୍ରଶାସନ ସମ୍ମୁଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ୨ ଚାଷୀ।ରାଜନଗର ବ୍ଲକର ୨ ଜଣ ଚାଷୀ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଜ ଜୀବନ ହାରିବାକୁ ଚେଷ୍ଟା କରିଥିଲେ । ସେଠାରେ ଉପସ୍ଥିତ ଥିବା ପୋଲିସ ଓ ଅନ୍ୟ ଲୋକମାନେ ଚାଷୀଙ୍କୁ କୌଣସି ମତେ ଅଟକାଇଥିଲେ । ଦୁଇ ଚାଷୀ ହେଉଛନ୍ତି ତାଳଚୁଆ ଓ ଢୋଲମରା ଗାଁର ଗଣେଶ ଚନ୍ଦ୍ର ଓ ରାମକୃଷ୍ଣ ମଣ୍ଡଳ। ଚାଷୀଙ୍କ ଅଭିଯୋଗ ଅନୁସାରେ ସେମାନଙ୍କ ଚାଷଜମି ପାଖରେ ଗଢ଼ି ଉଠିଛି ବେଆଇନ ଚିଙ୍ଗୁଡ଼ି ଘେରି। ଏହି ଚିଙ୍ଗୁଡ଼ି ଘେରିର ଲୁଣାପାଣି ମାଡ଼ିଯିବା ଫଳରେ ସ୍ଥାନୀୟ ଚାଷୀଙ୍କ ଏକର ଏକର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ସମସ୍ୟା ନେଇ ପୀଡ଼ିତ ଚାଷୀମାନେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ସ୍ଥାନୀୟ ତହସିଲଦାରଙ୍କୁ ବାରମ୍ବାର ଲିଖିତ ଭାବେ ଅବଗତ କରାଇଥିଲେ। ଶେଷରେ ପ୍ରଶାସନର ଉଦାସୀନତା ପ୍ରତିବାଦରେ ଚାଷୀଦ୍ୱୟ ଏଭଳି ଚରମ ପଦକ୍ଷେପ ଉଦ୍ୟମ କରିଥିଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

---

## 'ସାର କଳାବଜାର କଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ'

ଭୁବନେଶ୍ୱର, ୧୦।୮: ସାର କଳାବଜାର କଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ । କଳାବଜାର ରୋକିବା ପାଇଁ ଗଠନ ହୋଇଛି ଏନଫୋର୍ସ ଟିମ୍ । ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି । ଏବେ ରାଜ୍ୟରେ ୨ ଲକ୍ଷ ୩୭ ହଜାର ୨୦୨ ଟନ୍ ସାର ମହଜୁଦ ଅଛି । ୨ ଲକ୍ଷ ୬ ହଜାର ୩୬୮ ଟନ୍ ପ୍ୟାକ୍ସକୁ ଦିଆସରିଛି । ୧୪୨୬ଟନ୍ ଡିଲରଙ୍କୁ ଦିଆଯାଇଛି । ୨୯ ହଜାର ଟନ୍ ସାର ଷ୍ଟକ୍ ଅଛି ବୋଲି ମନ୍ତ୍ରୀ କହିଛନ୍ତି ।

---

## ଉଚ୍ଛୁଳା ନଦୀରେ ଭାସିଗଲା ପୋଲ

### ଚାମୋଲି ଜିଲ୍ଲାରେ ବୃଦ୍ଧି ପାଉଛି ଜଳସ୍ତର



ଡେରାଡୁନ୍,୧୦।୮: ଉତ୍ତରାଖଣ୍ଡର ନିତି ଉପତ୍ୟକାର ଏକ ପୋଲ ସୋମବାର ପ୍ରବଳ ବର୍ଷା ଏବଂ ବନ୍ୟା ବିପ୍ଲାତରେ ପ୍ରବଳ ଉଚ୍ଛୁଳା ଏକ ନଦୀରେ ଭାସି ଯାଇଛି । ଚାମୋଲି ଜିଲ୍ଲାରେ ଜଳସ୍ତର ତୀବ୍ର ବୃଦ୍ଧି ପାଇଛି। ଘଟଣାର ଏକ ଭିଡିଓରେ ଦେଖାଯାଇଛି ଯେ କାଦୁଅ ପାଣିର ଏକ ଶକ୍ତିଶାଳୀ ଢେଉ ଉପତ୍ୟକା ଦେଇ ଧାତବ ପୋଲ ଉପରେ ମାଡ଼ି ଯିବା ପରେ ପ୍ରଖର ସ୍ରୋତର ଶକ୍ତି ସେହି ନିର୍ମାଣକୁ ଭାଙ୍ଗି ନଦୀକୂଳକୁ ଭସାଇଯାଇଛି। ଫୁଟେଜରେ ନଦୀ କୂଳରେ ଏକ ଟ୍ରକ୍ ଏବଂ ଏକ ଏସୟୁଭି ଯାତ୍ରା କରୁଥିବା ମଧ୍ୟ ଦେଖାଯାଇଛି। ପୋଲ ଧୋଇଯିବାର କିଛି ମୁହୂର୍ତ୍ତ ପୂର୍ବରୁ ଉଭୟ ଗାଡ଼ି ପଛକୁ ଫେରି ଯାଉଥିବା ପରି ମନେ ହେଉଛି। ଚାମୋଲି ପୋଲିସ ଏକ ବିବୃତିରେ କହିଛି, 'ତମକ ଡ୍ରେନ୍ ପାଣିରେ ପାଣି ଭରି ରହିଛି, ଡ୍ରେନ୍ ଉପରେ ନିର୍ମିତ ପୋଲକୁ କ୍ଷତି ପହଞ୍ଚାଇଛି, ଯାହା ମାଲାରି ପରଠାରୁ ଯାତାୟାତ ବାଧାପ୍ରାପ୍ତ କରୁଛି। ବର୍ତ୍ତମାନ, କୌଣସି ଜୀବନହାନିର ରିପୋର୍ଟ ନାହିଁ। ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି।'

---

# ଚାକିରିର ମୂଳ ଲକ୍ଷ୍ୟ ଜନସେବା




• ୧୬ତମ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ
• ୧୩୨୬ ଜଣଙ୍କୁ ବାଣ୍ଟିଲେ ନିଯୁକ୍ତି ପତ୍ର
• ଆଜି ସୁଦ୍ଧା ୪୫,୪୦୮ ସରକାରୀ ନିଯୁକ୍ତି
• ସାଧାରଣ ଲୋକଙ୍କ ସମସ୍ୟା ଶୁଣନ୍ତୁ ଓ ସମାଧାନ ଉଦ୍ୟମ କରନ୍ତୁ
• ଶେଷ ଧାଡ଼ିରେ ଥିବା ଲୋକ ପାଖରେ ସରକାରୀ ସୁବିଧା ପହଞ୍ଚୁ
• ଦୁର୍ନୀତିରୁ ସବୁବେଳେ ଦୂରରେ ରୁହନ୍ତୁ


ଭୁବନେଶ୍ୱର, ୧୦।୮(ନିପ୍ର): ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପା ଯାଏ ନାହିଁ, ବରଂ ନାଗରିକଙ୍କ ଜୀବନରେ କି ପରିବର୍ତ୍ତନ ଆଣିପାରୁଛନ୍ତି, ତାହା ଦ୍ୱାରା ମପାଯାଏ । ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ ଏପରି କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିଅମ ଠାରେ ଆୟୋଜିତ ଏହି ନିଯୁକ୍ତିମେଳା କାର୍ଯ୍ୟକ୍ରମରେ ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରୀ ଚାକିରିର ମୂଳ ଲକ୍ଷ୍ୟ ହେଉଛି ଜନସେବା । ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ଆପଣମାନଙ୍କର ନୈତିକ କର୍ତ୍ତବ୍ୟ। କୌଣସି ଲୋକ ଯେତେବେଳେ କିଛି ସମସ୍ୟା ନେଇ ଆପଣଙ୍କ ପାଖକୁ ଆସିବେ, ସେତେବେଳେ ପ୍ରଶାସନର ଅଂଶ ଭାବେ ସମ୍ମାନ ଦେଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ତୁରନ୍ତ ପଦକ୍ଷେପ ନେବା ହିଁ ପ୍ରକୃତ ଜନସେବା। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡିରେ ଥିବା ଲୋକ ପାଖରେ ସମସ୍ତ ସରକାରୀ ସୁବିଧା ପହଞ୍ଚାଇବା। ଏହାକୁ ମନରେ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେ ପୁଣି କହିଥିଲେ ୨୦୨୪ ଜୁନ୍ ମାସରୁ ଆଜି ସୁଦ୍ଧା ସରକାରୀ ସ୍ତରରେ ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି । ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି ଏବଂ ଏଥିରୁ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।ଏବେ ଓଡିଶାରେ ରିଭର୍ସ ମାଇଗ୍ରେସନ୍ ଆରମ୍ଭ ହେଲାଣି । ଆଗାମୀ ଦିନରେ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ଆସିବ । ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଦୁର୍ନୀତିରୁ ସବୁବେଳେ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ।

---

## ଡିଜିପି ରେସ୍: ଆଗରେ ସଞ୍ଜୀବ ପଣ୍ଡା



ଭୁବନେଶ୍ୱର,୧୦।୮: ରାଜ୍ୟ ଡିଜିପି ରେସ୍ ଆଗରେ ଅଛନ୍ତି ଅଫିସର ସଞ୍ଜୀବ ପଣ୍ଡା । ୧୯୯୪ ବ୍ୟାଚ୍ ଆଇପିଏସ ସଞ୍ଜୀବ ପଣ୍ଡା, ଯଶୱନ୍ତ ଜେଠୱା ଡିଜିପି ରାଙ୍କକୁ ପଦୋନ୍ନତି ହୋଇଛି । ଫଳରେ ଡିଜିପି ରେସ୍‌ରେ ସଞ୍ଜୀବ ପଣ୍ଡାଙ୍କ ସ୍ଥିତି ମଜଭୁତ ହୋଇଛି । ପଦୋନ୍ନତି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆସନ୍ତା ୧୬ ତାରିଖରେ ଡିଜିପି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଛି । ଏହା ପୂର୍ବରୁ ରାଜ୍ୟକୁ ନୂଆ ପୋଲିସ ମୁଖିଆ ମିଳିବ ।





# ଭଗବାନ ଶିବ ଶ୍ମଶାନରେ ବାସ କରିବାର କାରଣ

### ଶ୍ମଶାନରେ ବାସ କରିବାର କାରଣ:

ଶିବଙ୍କୁ ସାଧାରଣତଃ ପରିବାରର ଦେବତା ବୋଲି କୁହାଯାଏ। ସେଥିପାଇଁ ଅଧିକାଂଶ ଗୃହସ୍ଥ ଲୋକେ ଶିବ ପରିବାରର ମୂର୍ତ୍ତି କିମ୍ବା ଚିତ୍ରକୁ ସେମାନଙ୍କ ପୂଜା ସ୍ଥାନରେ ରଖନ୍ତି। ସେ ସାଂସାରିକ ହୋଇ ମଧ ଶ୍ମଶାନରେ ରହିବାର କାରଣ ହେଉଛି ସମଗ୍ର ସଂସାର ବା ପରିବାର ହେଉଛି ମୋହ-ମାୟାର ପ୍ରତୀକ। ଅନ୍ୟପକ୍ଷରେ ଶ୍ମଶାନ ହେଉଛି ବୈରାଗ୍ୟ(ତ୍ୟାଗ)ର ପ୍ରତୀକ ବୋଲି କୁହାଯାଏ। ଏ ଧାଁଧପଡ ଜୀବନ ଭିତରେ ଶ୍ମଶାନ ହେଉଛି ଅନ୍ତିମ ଲକ୍ଷ। ଏଭଳି ଚିନ୍ତାକୁ ସନାତନ ଧର୍ମରେ କ୍ଷଣିକ ବୈରାଗ୍ୟ ବୋଲି କୁହାଯାଏ।

> ସନାତନ ଧର୍ମରେ ଶିବଙ୍କୁ ବ୍ରହ୍ମାଣ୍ଡର ସଂହାରକ ଭାବରେ ବିବେଚନା କରାଯାଏ। ବିଶ୍ୱାସ ଅନୁଯାୟୀ, ଏହି ଜଗତ ସୃଷ୍ଟି ହୁଏ ଏବଂ ନଷ୍ଟ ମଧ ହୁଏ। ସାଧାରଣତଃ ଶ୍ମଶାନ ହେଉଛି ଜୀବନର ଅନ୍ତିମ ସ୍ଥାନ। ଏଠି ସବୁକିଛି ଭସ୍ମ ହୋଇଥାଏ।

### ଶ୍ମଶାନ ଶାନ୍ତିର ପ୍ରତୀକ:

ଭଗବାନ ଶିବ ଶ୍ମଶାନରେ ବାସ କରିବା ସୂଚାଏ ଯେ ପ୍ରତ୍ୟେକ ବ୍ୟକ୍ତି ସଂସାରରେ ରହି ନିଜର ସମସ୍ତ କର୍ତ୍ତବ୍ୟକୁ ପୂରା ନିଷ୍ଠାର ସହିତ ପାଳନ କରିବା ଉଚିତ। ସରଳ ଭାଷାରେ କହିବାକୁ ଗଲେ ଶିବଙ୍କର ଏହି ରୂପ ଶିକ୍ଷା ଦିଏ ଯେ ଜୀବନରେ ସବୁକିଛି କରିବା ବେଳେ ମନ ଏବଂ ଆତ୍ମାରେ ବୈରାଗ୍ୟକୁ ଧାରଣ କରିବା ଉଚିତ। ଏହା ଦ୍ୱାରା ଜୀବନରେ ଶାନ୍ତି ପ୍ରାପ୍ତ ହୁଏ।

### ଧାର୍ମିକ ବିଶ୍ୱାସ:

ଶିବ ଶ୍ମଶାନରେ ବାସ କରିବାକୁ ନେଇ ଏକ ଧାର୍ମିକ ବିଶ୍ୱାସ ମଧ ରହିଛି। ସନାତନ ଧର୍ମରେ ଶିବଙ୍କୁ ବ୍ରହ୍ମାଣ୍ଡର ସଂହାରକ ଭାବରେ ବିବେଚନା କରାଯାଏ। ବିଶ୍ୱାସ ଅନୁଯାୟୀ, ଏହି ଜଗତ ସୃଷ୍ଟି ହୁଏ ଏବଂ ନଷ୍ଟ ମଧ ହୁଏ। ସାଧାରଣତଃ ଶ୍ମଶାନ ହେଉଛି ଜୀବନର ଅନ୍ତିମ ସ୍ଥାନ। ଏଠି ସବୁକିଛି ଭସ୍ମ ହୋଇଥାଏ। ସେଥିପାଇଁ ଶିବଙ୍କ ବାସସ୍ଥାନ ଏପରି ଏକ ସ୍ଥାନ, ଯେଉଁଠାରେ ମାନବ ଶରୀର, ସେହି ଶରୀର ସହିତ ଜଡିତ ସମସ୍ତ ସମ୍ପର୍କ, ପ୍ରତ୍ୟେକ ମୋହ ଏବଂ ସମସ୍ତ ପ୍ରକାରର ବନ୍ଧନ ସମାପ୍ତ ହୁଏ। ଶେଷରେ ଆତ୍ମା ଶିବମୟ ହୋଇଯାଏ। ଏସବୁ କାରଣରୁ ଶିବ ଶ୍ମଶାନରେ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ।

### ପାଉଁଶ ବା ଭସ୍ମ ଧାରଣର ବାର୍ତ୍ତା:

ଅଘୋରୀ, ସନ୍ନ୍ୟାସୀ ଏବଂ ଅନେକ ସାଧୁ ସେମାନଙ୍କ ଶରୀରରେ ପାଉଁଶ ବା ଭସ୍ମ ଲଗାନ୍ତି। ବାସ୍ତବରେ ଭସ୍ମ ଆମ ଶରୀରରେ ଥିବା ଲୋମମୂଳକୁ ବନ୍ଦ କରିଦିଏ। ଶରୀରରେ ଭସ୍ମ ଲଗାଇଲେ ଗ୍ରୀଷ୍ମରେ ଗରମ ଏବଂ ଶୀତରେ ଥଣ୍ଡା ଅନୁଭବ ହୁଏ ନାହିଁ। ଏହିପରି ଭସ୍ମ ଧାରଣ କରି ଶିବ ମଧ ଏହି ବାର୍ତ୍ତା ଦିଅନ୍ତି ଯେ ସବୁଠାରୁ ଭଲ ଗୁଣ ହେଉଛି ପରିସ୍ଥିତି ଅନୁଯାୟୀ ନିଜକୁ ଗଢିବା।

## ଅଜ୍ଞାତବାସର କଥା

ସାଧାରଣତଃ କୁହାଯାଏ ଯେ ଯେତେବେଳେ ପାଣ୍ଡବମାନେ ୧୨ ବର୍ଷ ନିର୍ବାସନରେ ଯାଇଥିଲେ, ସେତେବେଳେ ଯୁଧିଷ୍ଠିର ବିବାହ କରିଥିଲେ। ଦେବିକାଙ୍କୁ ମାତା କୁନ୍ତୀଙ୍କ ପାଖରେ ଯୁଧିଷ୍ଠିର ଛାଡିଯାଇଥିଲେ। ସେଥିପାଇଁ ଅଜ୍ଞାତବାସ ସମୟରେ ତାଙ୍କ ପାଖରେ ସେ ନଥିଲେ । ସେମାନଙ୍କର ପୁଅର ନାମ କ'ଣ ଥିଲା ? ଦେବିକାଙ୍କର ଯୁଧିଷ୍ଠିରରୁ ଯୋଦ୍ଧେୟ ନାମକ ଏକ ପୁତ୍ର ଥିଲେ। ଯିଏ ମହାଭାରତ ଯୁଦ୍ଧରେ ଭାଗ ନେଇଥିଲେ ଏବଂ ତାଙ୍କୁ ହତ୍ୟା କରାଯାଇଥିଲା। କାରଣ ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କର କୌଣସି ପୁଅ ଜୀବିତ ରହିଲେ ନାହିଁ। କେବଳ ପରୀକ୍ଷିତ ଉତ୍ତରାଙ୍କ ଗର୍ଭରେ ବଢୁଥିଲେ । ଯାହାଙ୍କୁ ଯୁଧିଷ୍ଠିର ୩୬ ବର୍ଷ ଶାସନ କରିବା ପରେ ପରେ ରାଜଗାଦି ହସ୍ତାନ୍ତର କରିଥିଲେ। ତା'ପରେ ସେ ନିଜ ଭାଇ ଓ ସ୍ତ୍ରୀମାନଙ୍କ ସହିତ ହିମାଳୟ ଆଡକୁ ଶେଷ ଯାତ୍ରା ପାଇଁ ଚାଲିଗଲେ । ତେବେ ବିଷ୍ଣୁ ପୁରାଣରେ ଯୁଧିଷ୍ଠିରଙ୍କ ପୁଅର ନାମ ଦେବକ ଏବଂ ତାଙ୍କ ମାତାଙ୍କ ନାମ ଯୋଦେହି ବୋଲି ଉଲ୍ଲେଖ କରାଯାଇଛି। ସେ କେଉଁ ରାଜବଂଶର ଥିଲେ ? ମହାଭାରତରେ ଦେବିକାଙ୍କୁ ଉଲ୍ଲେଖ କରାଯାଇଛି।

## ଇଶ୍ୱରୀୟ ଗୁଣର ସାମୀପ୍ୟ

# ।।।।।। ଆସ୍ଥାର ପ୍ରଭାବ ।।।।।।




ଆସ୍ଥାରେ ଅସୀମ ଉର୍ଜା ହୋଇଥାଏ। ଏହି ଉର୍ଜା ଆମକୁ ଶକ୍ତି ପ୍ରଦାନ କରିଥାଏ । କାହାର ପ୍ରତି ଅଗାଢ ବିଶ୍ୱାସ ନିଷ୍ଠା ହିଁ ଆସ୍ଥା କୁହାଯାଏ। ପ୍ରାୟତଃ ଆମେ ଆସ୍ଥାକୁ ଧର୍ମ-କର୍ମରେ ଯୋଡି ଦେଇଥାଉ । ଏହାର ସମ୍ବନ୍ଧ କେବଳ ଧର୍ମ-କର୍ମ, ଅଧ୍ୟାତ୍ମ କିମ୍ବା ଈଶ୍ୱରଙ୍କ ସମ୍ବନ୍ଧ ପର୍ଯ୍ୟନ୍ତ ସୀମିତ କରିବା ଉଚିତ ହେବ ନାହିଁ । ଆସ୍ଥା ବହୁଗାମୀ ଅଟେ । ଈଶ୍ୱରଙ୍କ ଉପରେ ଆସ୍ଥା ଆମ ପାଇଁ ଭକ୍ତିର ମାର୍ଗ ପ୍ରଶସ୍ତ କରିଥାଏ। ଏହି ମାର୍ଗ ଆମର ସତ୍ୟ, ଅହିଂସା ଏବଂ ପରମାର୍ଥରେ ସାକ୍ଷାତକାର କରିଥାଏ । ଈଶ୍ୱରଙ୍କ ଉପରେ ଆସ୍ଥା ହିଁ ଆମକୁ ସଙ୍କଟରୁ ଲଢିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଥାଏ । ସେହିଭଳି ଯେତେବେଳେ ପ୍ରକୃତି ଉପରେ ଗଭୀର ଆସ୍ଥା ହୋଇଥାଏ ଆଉ ଆମର ହୃଦୟରେ ଉଦାରତା ଝରିବାକୁ ଲାଗିଥାଏ। ଆମେ ନିଜଠୁ ଅଧିକ ଅନ୍ୟମାନଙ୍କ ବିଷୟରେ ଭାବିବାକୁ ଲାଗିଥାଉ । କାହିଁକି ଏହି ପ୍ରବୃତ୍ତି ବାସ୍ତବରେ ପ୍ରକୃତିର ହୋଇଥାଏ । ପ୍ରକୃତି ଆମକୁ ସବୁ କିଛି ନିଃସ୍ୱାର୍ଥ ଭାବରୁ ହିଁ ଦେଇଥାଏ । ନଦୀର ଜଳ,ଗଛର ଫଳ,ପୁଷ୍ପ ଆଦି ସବୁ ପରମାର୍ଥଙ୍କ ପାଇଁ ତ ହୋଇଥାଏ। ପ୍ରକୃତି ଉପରେ ଆସ୍ଥା ହିଁ ଆମକୁ ଏସବୁ ଈଶ୍ୱରୀୟ ଗୁଣର ସାମୀପ୍ୟ ପ୍ରଦାନ କରିଥାଏ। ଯେତେବେଳେ ଆମର ଆସ୍ଥା ନିଜର ଗୁରୁ ଉପରେ ହୋଇଥାଏ ସେତେବେଳେ ଆମେ ନିଜର କ୍ଷେତ୍ରରେ ଶ୍ରେଷ୍ଠସ୍ଥାନ ହୋଇଥାଏ। ତଥାପି ଏହା ମାନ୍ୟ ରଖେ କି ଗୁରୁ ପ୍ରତ୍ୟକ୍ଷ ରୂପରେ ଆମରେ ସାମନାରେ ଅଛନ୍ତି ଅଥବା ନାହାନ୍ତି । ବାସ୍,କେବଳ ତାଙ୍କ ପ୍ରତି ସମର୍ପଣ ହିଁ ଆମକୁ ଉର୍ଜା ପ୍ରଦାନ କରିଥାଏ । ଆମର ଜ୍ଞାନର ଚକ୍ଷୁ ଖୋଲିଥାଏ। ଆମେ ଅଭିନବ ସାମର୍ଥ୍ୟରେ ଆନ୍ଦୋଳିତ ହୋଇଯାଇ ଥାଉ । ଏହି ଆସ୍ଥା ଯେତେବେଳେ ମାତା-ପିତା ଉପରେ ହୋଇଥାଏ ତ ଆମେ ଶ୍ରବଣ କୁମାର ପାଲଟି ଯାଇଥାନ୍ତି। ମାତା-ପିତାଙ୍କର ପ୍ରତ୍ୟେକ ଇଚ୍ଛାର ପୂର୍ତ୍ତିର ପାଇଁ କରିବାକୁ ଲାଗିଥାଉ। ଏହାର ଆଶୀର୍ବାଦ କୃପାର ରୂପରେ ବର୍ଷିବାକୁ ଲାଗିଥାଏ। ଏହି ପ୍ରକାର ଆସ୍ଥାର ଶକ୍ତିର ବଳରେ ଆମେ ଜୀବନକୁ ପରିଷ୍କୃତ କରିପାରିବା । ଜୀବନକୁ ନୂଆ ବିସ୍ତାର ଦେଇ ପାରିବା। ଆମର ଆସ୍ଥା ଆମର ଉନ୍ନତିର କାରଣ ହୋଇପାରେ । ତେଣୁ ଆମକୁ ଆସ୍ଥାର ସଠିକ୍ କେନ୍ଦ୍ରକୁ ଖୋଜିବା ଦରକାର।

> ପ୍ରକୃତି ଆମକୁ ସବୁ କିଛି ନିଃଶ୍ୱାର୍ଥ ଭାବରୁ ହିଁ ଦେଇଥାଏ । ନଦୀର ଜଳ,ଗଛର ଫଳ,ପୁଷ୍ପ ଆଦି ସବୁ ପରମାର୍ଥଙ୍କ ପାଇଁ ତ ହୋଇଥାଏ । ପ୍ରକୃତି ଉପରେ ଆସ୍ଥା ହିଁ ଆମକୁ ଏସବୁ ଈଶ୍ୱରୀୟ ଗୁଣର ସାମୀପ୍ୟ ପ୍ରଦାନ କରିଥାଏ।



## ସୀତାଙ୍କୁ ଭେଟ

***ସମସ୍ତେ ଶୋଇପଡ଼ିବା ପରେ, ହନୁମାନ ମାତା ସୀତାଙ୍କୁ ଭେଟିଲେ ଓ କିପରି ତାଙ୍କୁ ଖୋଜି ପାଇଲେ ସେ ବିଷୟରେ ଆଲୋଚନା କଲେ। ସୀତା ପ୍ରକାଶ କଲେ ଯେ, ରାବଣ ତାଙ୍କୁ ଅପହରଣ କରି ଶୀଘ୍ର ବିବାହ କରିବାକୁ ବାଧ କରୁଛି। ହନୁମାନ ତାଙ୍କୁ ଉଦ୍ଧାର କରିବାକୁ ପ୍ରସ୍ତାବ ଦେଲେ, କିନ୍ତୁ ମାତା ସୀତା ମନା କରି କହିଲେ ଯେ, ତାଙ୍କ ସ୍ୱାମୀ ଏହା କରିବା ଉଚିତ। ରାବଣ ଦ୍ୱାରା ବନ୍ଦୀ ଥିବା ସମୟରେ***



***ଭଗବାନ ହନୁମାନ ଦେବୀ ସୀତାଙ୍କୁ ଲଙ୍କାର ଅଶୋକ ବାଟିକା (ଅଶୋକ ଉଦ୍ୟାନ)ରେ ଭେଟିଥିଲେ। ପ୍ରଥମେ ସେ ଏକ ଗଛରେ ଲୁଚି ରହିଥିବା ଏକ କ୍ଷୁଦ୍ର ରୂପରେ ତାଙ୍କ ପରିଚୟ ନିଶ୍ଚିତ କରିବା ପାଇଁ ଆବିର୍ଭାବ ହୋଇଥିଲେ, ତା'ପରେ ସେ ନିଜକୁ ପ୍ରଭୁ ରାମଙ୍କ ଦୂତ (ରାମ ଦୂତ) ଭାବରେ ପ୍ରକାଶ କରିଥିଲେ, ପ୍ରମାଣ ସ୍ୱରୂପ ରାମଙ୍କ ମୁଦି ଦେଖାଇ ଆଶା ଦେଇଥିଲେ, ଯଦିଓ ସୀତା ରାମଙ୍କୁ ନିଜେ ତାଙ୍କୁ ଉଦ୍ଧାର କରିବାକୁ ଜିଦ୍ ଧରିଥିଲେ।***

# ମାତା-ପିତା ହେଉଛନ୍ତି ପ୍ରତ୍ୟକ୍ଷ ଈଶ୍ୱର



*ମାତା-ପିତାଙ୍କର କର୍ତ୍ତବ୍ୟ ସଂପର୍କରେ ସନ୍ତାନ ଦୃଷ୍ଟି ଦେବା ଉଚିତ ନୁହେଁ। ସେ ନିଜର କର୍ତ୍ତବ୍ୟ ଉପରେ କେବଳ ଦୃଷ୍ଟି ରଖିବା ଉଚିତ।*

ମାତା-ପିତାଙ୍କ ସେବାର ତାତ୍ପର୍ଯ୍ୟ ହେଉଛି ସନ୍ତାନ ସକାଶେ ମାତା-ପିତା ଯେପରି କଷ୍ଟ ସହ୍ୟ କରିଥାଆନ୍ତି, ସନ୍ତାନ ଉପରେ ତାଙ୍କର ଋଣ ରହିଥାଏ। ସନ୍ତାନ କେବେ ହେଁ ସେହି ଋଣ ପରିଶୋଧ କରିପାରେ ନାହିଁ । ମା' ସନ୍ତାନ ସକାଶେ ଯେଉଁ ପରିମାଣରେ ସେବା କରିଥାଆନ୍ତି, ସନ୍ତାନ ସେହି ପରିମାଣରେ ସେବା କେବେ ହେଁ କରିପାରେ ନାହିଁ। ଯଦି କୌଣସି ସନ୍ତାନ କୃତଜ୍ଞତା ସ୍ୱରୂପ ସ୍ୱ-ଶରୀରର ଚମଡ଼ା ତିଆରି କରି ଜୋତା ମା'ଙ୍କର ଚରଣରେ ପିନ୍ଧାଇବାକୁ ଇଚ୍ଛା କରେ, ତେବେ ତାକୁ ପଚରା ଯାଇପାରେ ।"ଏହି ଚମଡ଼ା ତୁମେ କେଉଁଠାରୁ ପାଇଲ ? ଏହା ହିଁ ତ ମା'ଙ୍କର ଦାନ । ତାଙ୍କ ଦ୍ୱାରା ପ୍ରଦତ୍ତ ଶରୀରର ଚମଡ଼ା ତାଙ୍କୁ ଅର୍ପଣ କରିବା ଦ୍ୱାରା କି ବଡ଼ କାର୍ଯ୍ୟ କରି ପକାଇଲ ? ଏହା କେବଳ ଦେବାର ମିଥ୍ୟ ଅଭିମାନ" ଠିକ୍ ସେହିପରି ଏହି ଶରୀର ମଧ୍ୟ ପିତାଙ୍କର ନିଜ ଅଂଶଜାତ । ପିତାଙ୍କର ପ୍ରଚେଷ୍ଟାରେ ସନ୍ତାନ ଲେଖାପଢ଼ା ଶିଖେ, ଯୋଗ୍ୟତା ଅର୍ଜନ କରେ ଓ ଭରଣ ପୋଷଣର ବ୍ୟବସ୍ଥା କରେ । ସୁତରାଂ ଏହି ଋଣ କିପରି ପରିଶୋଧ କରାଯାଇ ପାରିବ ? ସେବା କରି ମାତା-ପିତାଙ୍କୁ ସନ୍ତୁଷ୍ଟ କରିପାରିବେ ଏହି ଋଣମୁକ୍ତ ହେବା ସମ୍ଭବ ନୁହେଁ, ମାତ୍ର ତହିଁରୁ କିଛି ନିଷ୍କୃତି ମିଳିପାରେ ନାହିଁ। କେବଳ ଇନ୍ଦ୍ରିୟ ସୁଖ ପାଇଁ ଯେଉଁମାନେ ମିଳିତ ହୁଅନ୍ତି, ସେମାନେ ଭଲ ସନ୍ତାନ ଉତ୍ପନ୍ନ କରନ୍ତି ନାହିଁ। ଯେଉଁ ସ୍ତ୍ରୀ-ପୁରୁଷମାନେ ବିଧି ଅନୁସାରେ କେବଳ ପିତୃଋଣରୁ ମୁକ୍ତ ହେବା ପାଇଁ, ନିଜର ସୁଖ-ଭୋଗରୁ ଉଦ୍ଦେଶ୍ୟ ବିନା ସନ୍ତାନ ଉତ୍ପନ୍ନ କରନ୍ତି, ସେମାନେ ହେଉଛନ୍ତି ସାତ୍ତ୍ୱିକ ମାତା-ପିତା। କିନ୍ତୁ ପ୍ରକୃତପକ୍ଷେ ପିତାମାତା ଯେପରି ହୁଅନ୍ତୁ ନା କାହିଁକି, ପୂଜନୀୟ । କାରଣ ସେମାନେ ମାନବ ଶରୀର ପ୍ରଦାନ କରି ସନ୍ତାନକୁ ପରମାତ୍ମା ଲାଭ ପାଇଁ ଅଧିକାର ଦେଇ ଅଛନ୍ତି । ଉପନିଷଦରେ କଥିତ ଅଛି ଯେ, ଶିକ୍ଷାର୍ଥୀ ଅଧ୍ୟୟନ ଶେଷ କରି ସ୍ନାତକ ରୂପେ ଗୃହରେ ପ୍ରବେଶ କରିବା ପାଇଁ ଗୁରୁଙ୍କର ସମ୍ମତି ନିଏ । ସେତେବେଳେ ଗୁରୁଦେବ ତାଙ୍କୁ ଆଦେଶ ଦିଅନ୍ତି, "ମାତୃଦେବୋ ଭବ", "ପିତୃଦେବୋ ଭବ" ଅର୍ଥାତ୍ ତୁମେ ମାତା-ପିତାଙ୍କୁ ପ୍ରତ୍ୟକ୍ଷଭାବେ ଈଶ୍ୱର ରୂପେ ମାନି ତାଙ୍କର ଆଦେଶ ପାଳନ କର ଓ ତାଙ୍କର ସେବା କର। ଋଷିମୁନି ଦୀକ୍ଷା ଶେଷରେ ଏହି ଶିକ୍ଷା ଦିଅନ୍ତି ଏବଂ ଏହା ପାଳନ କଲେ ଶିଷ୍ୟର କଲ୍ୟାଣ ହୁଏ। ଅତଏବ ଯାହାଙ୍କ ଦ୍ୱାରା ଏହି ଶରୀର ଗଠିତ ହୋଇଅଛି ତାଙ୍କ-ପ୍ରତି ସନ୍ତାନ କୃତଜ୍ଞ ରହିବା ହିଁ ଉଚିତ। ପ୍ରକୃତରେ ମନୁଷ୍ୟ ଶରୀର ପ୍ରଦାନ କରି ମାତା-ପିତା ସଂସାର ବନ୍ଧନରୁ ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ଲାଭ ପାଇଁ ସୁବର୍ଣ୍ଣ ସୁଯୋଗ ଦେଇଥାନ୍ତି। ମାତା ପିତା ସନ୍ତାନକୁ ବନ୍ଧନରେ ପକାଇ ଦିଅନ୍ତି ନାହିଁ କିମ୍ବା ଗୋଳମାଳରେ ପକାଇ ଦେବାର କୌଣସି ଉଦ୍ଦେଶ୍ୟ ରଖି ନ ଥାନ୍ତି। ସେମାନେ ପ୍ରତ୍ୟେକ ପରିସ୍ଥିତିରେ, ସବୁ ସମୟରେ ପିଲାମାନଙ୍କର ମଙ୍ଗଳ କାମନା କରିଥାଆନ୍ତି ଏବଂ ଯାହା କରନ୍ତି ସେମାନଙ୍କର ଭଲ ପାଇଁ ହିଁ କରନ୍ତି । କିନ୍ତୁ ଆମେ ବନ୍ଧନରେ ଓ ଗୋଳମାଳରେ ଜଡ଼ିତ ହୋଇ ଯାଉ। ମାତା-ପିତାଙ୍କର କର୍ତ୍ତବ୍ୟ ସଂପର୍କରେ ସନ୍ତାନ ଦୃଷ୍ଟି ଦେବା ଉଚିତ ନୁହେଁ । ସେ ନିଜର କର୍ତ୍ତବ୍ୟ ଉପରେ କେବଳ ଦୃଷ୍ଟି ରଖିବା ଉଚିତ । ଯେ ନିଜର କର୍ତ୍ତବ୍ୟକୁ ନ ଦେଖି ମାତାପିତାଙ୍କର କର୍ତ୍ତବ୍ୟ ଦିଗରେ ଦୃଷ୍ଟି ଦିଏ ସେ ନିଜର କର୍ତ୍ତବ୍ୟ ପାଳନରୁ ବିଚ୍ୟୁତ ହୁଏ। କୌଣସି ଶାସ୍ତ୍ରରେ କାହାରିକୁ ମାତା-ପିତା କିମ୍ବା ଗୁରୁଜନଙ୍କର କର୍ତ୍ତବ୍ୟ ବିଚାର କରିବାର ଅଧିକାର ଦିଆଯାଇ ନାହିଁ । ପୂରାକାଳରେ ମନୁଷ୍ୟ ଅନ୍ୟର କର୍ତ୍ତବ୍ୟ ସମ୍ବନ୍ଧରେ ବିଚାର ନ କରି, କେବଳ ନିଜର କର୍ତ୍ତବ୍ୟ ପାଳନ ଉପରେ ହିଁ ଦୃଷ୍ଟି ରଖୁଥିଲେ । ଫଳରେ ସେମାନେ ଜୀବନ୍ମୁକ୍ତ ଓ ଭଗବଦ୍ - ଭକ୍ତ ହେଉଥିଲେ। ଯଦି ସେ ଅନ୍ୟର କର୍ତ୍ତବ୍ୟ ଦେଖି ଥାଆନ୍ତେ। ନିଜର ସ୍ୱାର୍ଥ ଦେଖି ଥାଆନ୍ତେ, ତାହାହେଲେ ସେ ବର୍ତ୍ତମାନ ଯୁଗ ପରି ହୋଇ ଥାଆନ୍ତେ। ଯେ ନିଜର କର୍ତ୍ତବ୍ୟ ଉପରେ ଏକାନ୍ତ ଦୃଷ୍ଟି ରଖନ୍ତି ଓ ତାହାକୁ ପାଳନ କରନ୍ତି। କର୍ତ୍ତବ୍ୟ ସମ୍ବନ୍ଧରେ ଗୋଟିଏ ଗୂଢ଼ କଥା ଏହି ଯେ, କେବଳ ମାତ୍ର ନିଜର କର୍ତ୍ତବ୍ୟ ମନେକରି ଯେ ମାତା-ପିତାଙ୍କର ସେବା କରେ, ମାତା-ପିତା ସଙ୍ଗରେ ତାର ସମ୍ବନ୍ଧ-ବିଚ୍ଛେଦ ହୋଇଥାଏ, ମାତା-ପିତା ଚରଣରେ ତାହାର ଶ୍ରଦ୍ଧା ଜନ୍ମେ ନାହିଁ, କିନ୍ତୁ ଯେ ନିଜ ଶରୀରକୁ ମାତା-ପିତାଙ୍କର ହିଁ ମନେ କରି ତତ୍ପରତାର ସହିତ ଏବଂ ସମ୍ମାନ ଓ ଭକ୍ତି ସହିତ ସେବାକରେ, ତାର ମାତାପିତାଙ୍କ ଚରଣରେ ଶ୍ରଦ୍ଧା ଜନ୍ମେ । ସନ୍ତାନ ମାତା-ପିତାଙ୍କର ସେବାକୁ ଜୀବନର ଆଧାର ଓ ଅବଲମ୍ବନ ମନେ କରିବା ଉଚିତ ଏବଂ ନିଜର ମୁଖ୍ୟ କର୍ମ ଭାବିବା ଉଚିତ।

## ଭାରତର ତିନୋଟି ବିଶିଷ୍ଟ ସିଦ୍ଧ ଶନିପୀଠ

ଶନିଙ୍କ ଚମତ୍କାରି ସିଦ୍ଧ ପୀଠ ମଧ୍ୟରୁ ଭାରତର ତିନୋଟି ପୀଠକୁ ମୁଖ୍ୟ ଭାବେ ଗଣନା କରାଯାଏ। ମହାରାଷ୍ଟ୍ରର ସିଙ୍ଗଣାପୁରର ଶନିପୀଠ, ମଧ୍ୟପ୍ରଦେଶ ଗ୍ୱାଲିଅରର ଶନିଶ୍ଚର ମନ୍ଦିର ଏବଂ ଉତ୍ତରପ୍ରଦେଶ କାଶୀ ନିକଟବର୍ତ୍ତୀ କୋକିଲାବନର ସିଦ୍ଧ ଶନିଦେବ ମନ୍ଦିର। ମହାରାଷ୍ଟ୍ରର ସିଙ୍ଗଣାପୁରର ଶନିପୀଠ ଏହି ଗାଁରେ ଶନିଦେବଙ୍କର ଅଦ୍ଭୁତ ଚମତ୍କାର ଦେଖାଯାଏ। ଏହି ଗାଁରେ ଆଜିପର୍ଯ୍ୟନ୍ତ କେହି ନିଜ ଘରେ ତାଲା ଲଗାନ୍ତି ନାହିଁ। କୁହାଯାଏ ଯେ ଏଠାରେ କେହି ଚୋର ଚୋରି କରନ୍ତି ନାହିଁ ବା ଚୋରି କରିବାର ଚେଷ୍ଟା କଲେ ଶନି କୋପଦୃଷ୍ଟିରେ ପଡ଼ିଥାଏ। ଗ୍ୱାଲିଅରର ଶନିଶ୍ଚର ମନ୍ଦିର: ଏହି ମନ୍ଦିରରେ ଅଛନ୍ତି ମହାବୀର ହନୁମାନଙ୍କ ଦ୍ୱାରା ଲଙ୍କାରୁ ଫିଙ୍ଗା ହୋଇଥିବା ଅଲୌକିକ ଶନିଦେବଙ୍କ ପିଣ୍ଡ। ଏଠାରେ ଅମାବାସ୍ୟାରେ ଶନିଶ୍ଚର ମେଳା ଅନୁଷ୍ଠିତ ହୋଇଥାଏ। କୋକିଲାବନର ସିଦ୍ଧ ଶନିଦେବ ମନ୍ଦିର: କୁହାଯାଏ ଯେ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଏଠାରେ ଶନିଦେବଙ୍କୁ ଦର୍ଶନ ଦେଇଥିଲେ ଓ ଆଶୀର୍ବାଦ ଦେଇଥିଲେ ଯେ ଏ ବନ ଶନିଦେବଙ୍କର, ଯିଏ ଏହି ବନ ପରିକ୍ରମା କରିବ ସେ ଶନିଦେବଙ୍କ କୃପା ଲାଭ କରିବ। ଏବଂ ଶ୍ରଦ୍ଧା ସହକାରେ ପୂଜାପାଠ କଲେ ଶନିଦେବଙ୍କ ଦୃଷ୍ଟି ପଡ଼ିବ ନାହିଁ। ଯାଜପୁର ଜିଲ୍ଲା ରାଛିପୁରର ଆଦ୍ୟ ଶନିପୀଠ: ଯାଜପୁର ଜିଲ୍ଲାର ବ୍ୟାସନଗର ପୌର ପରିଷଦର ଉପକଣ୍ଠରେ ଅବସ୍ଥିତ ଦାନଗଦୀ ବ୍ଲକ ଅନ୍ତର୍ଗତ ରାଛିପୁର ଗାଁର ଆଦ୍ୟ ଶନିଶ୍ଚର ଦେବଙ୍କ ପୀଠ ରାଜ୍ୟରେ ବେଶ୍ ପୁରାତନ ଓ ପ୍ରସିଦ୍ଧ। ରାଛିପୁରର ଶନିଦେବତା ବେଶ୍ ପ୍ରତ୍ୟେକ୍ଷ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ଏଠାରେ ଶନିଦେବ ଏକ ଆମ୍ବଗଛରୁ ଆବିର୍ଭାବ ହୋଇଛନ୍ତି। ଯାହାପାଇଁ ଏଠାରେ ଓଷା ଦିବସରେ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ଭିଡ଼ ଜମିଥାଏ। ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ ଶନିଶ୍ଚରଙ୍କ ଠାରେ ଜଳଲାଗି କରି ନିଜ ପରିବାରର ମଙ୍ଗଳ ପାଇଁ ଗ୍ରହରାଜଙ୍କୁ ସନ୍ତୁଷ୍ଟ କରନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ କଳାହାଣ୍ଡି ଜିଲ୍ଲା ଘରୋଇ ସ୍କୁଲ ସଂଘର ଦାବିପତ୍ର

ଭବାନୀପାଟଣା, (ନି.ପ୍ର): କଳାହାଣ୍ଡି ଜିଲ୍ଲା ଘରୋଇ ସ୍କୁଲ ସଂଘର ସଭ୍ୟମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ସିଓଆର ଓ ଆରଟିଇ ପ୍ରତିପୂରଣ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଆରଟିଇ ଅର୍ଥ ମଞ୍ଜୁର ହୋଇପଡି ରହିଥିବା ସତ୍ତ୍ୱେ ସ୍କୁଲଗୁଡିଙ୍କୁ ପ୍ରତିପୂରଣ ଦିଆଯାଉ ନ ଥିବାରୁ ସରକାର ଶୀଘ୍ର ବକେୟା ରାଶି ପ୍ରଦାନ କରିବାକୁ ସଂଘ ଦାବି କରିଛି। ଘରୋଇ ସ୍କୁଲଗୁଡିକ ସରକାର ଙ୍କ ଆରଟିଇ ନିୟମ ମୁତାବକ ୨୫ ପ୍ରତିଶତ ମାଗଣା ଶିକ୍ଷାଦାନ ଦେଇଥାନ୍ତି । ଯାହାକୁ ସରକାର ସମୟାନୁସାରେ ପ୍ରତିପୂରଣ କରିବାକୁ ନିୟମ ରହିଛି କିନ୍ତୁ ବର୍ଷ ବର୍ଷ ଧରି ଏହି ପ୍ରାପ୍ୟ ନ ଦେବାରୁ ସ୍କୁଲ ଗୁଡିକ ଉପରେ ଆର୍ଥିକ ବୋଝ ବଢ଼ିଯାଉଛି। ନିଜ ଭିତ୍ତିଭୂମି ଥିବା ଘରୋଇ ସ୍କୁଲକୁ ଆଜୀବନ ଓ ଭଡା ଘରେ ପରିଚାଳନା ହେଉଥିବା ସ୍କୁଲକୁ ୧୦ ବର୍ଷ ସିଓଆର ଦେବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ଘରୋଇ ସ୍କୁଲ ସଂଘର ଚେୟାରମ୍ୟାନ ଡ. ଶିବରାମ ନାୟକ, ସମ୍ପାଦକ ୟୌସୁଫ ଅହମ୍ମଦ, ଡ. ଯାହାଙ୍ଗୀର ଖାନ, ଜେ. ମନହର, ବୁନିତା ଗୌଡ଼, ଯଶୋବନ୍ତି ମେହେର, ଶଶିକାନ୍ତ ସୁନାନୀଙ୍କ ସମେତ ୧୩ଟି ବ୍ଲକ୍‌ର ଅଧକ୍ଷ, ସମ୍ପାଦକ ଓ ନିର୍ଦ୍ଦେଶକବୃନ୍ଦ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଏବଂ ଉପରିସ୍ଥ ଅଧିକାରୀଙ୍କ ପାଖକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଗଞ୍ଜାମ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଶୁଣାଣି




ବୁଗୁଡ଼ା,(ନିପ୍ର): ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଗୁଡ଼ା ବ୍ଲକ ପରିସରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ପ୍ରୋଜେକ୍ଟ ଡିରେକ୍ଟର ସମୀର କୁମାର ଜେନାଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଏହି ଜନ ଶୁଣାଣିରେ ବିଭିନ୍ନ ପଞ୍ଚାୟତ ଓ ଅଞ୍ଚଳରୁ ଆସିଥିବା ଲୋକମାନେ ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ, ଭତ୍ତା, ଜମିଜମା, ଆବାସ ଯୋଜନା ଓ ଅନ୍ୟାନ୍ୟ ଜନସମସ୍ୟା ସମ୍ପର୍କିତ ମୋଟ ୧୧୦ ଟି ଅଭିଯୋଗ ଦାଖଲ କରିଥିଲେ। ଅଧିକାରୀମାନେ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରେଡ଼କ୍ରସ ତରଫରୁ ୭ ଜଣଙ୍କୁ ୩୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା ଏବଂ ୬ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସିଧାସଳଖ ସମନ୍ୱୟ ସ୍ଥାପନ କରି ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ଲକ୍ଷ୍ୟରେ ଏହି ଯୁଗ୍ମ ଜନ ଶୁଣାଣି ଆୟୋଜନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀ ନୀଳମାଧବଙ୍କ କ୍ଷେତ୍ରରେ ତ୍ରିରଙ୍ଗା ଶୋଭାଯାତ୍ରା

କଣ୍ଟିଲୋ (ନି.ପ୍ର) ସ୍ୱାଧୀନ ଚିନ୍ତାଧାରା, ଦେଶପ୍ରେମ ଓ ଜାତି ପ୍ରେମକୁ ଉଜ୍ଜୀବିତ କରିବାର ଲକ୍ଷ୍ୟ ନେଇ ପବିତ୍ର ଅଗଷ୍ଟ କ୍ରାନ୍ତି ଦିବସରୁ ସମଗ୍ର ଦେଶ ସାରା ତ୍ରିରଙ୍ଗା ଶୋଭଯାତ୍ରା ଆୟୋଜିତ ହୋଇ ଆସୁଛି।ଏହି କ୍ରମରେ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଠାରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶହେ ମିଟର ଲମ୍ବର ଏକ ତ୍ରିରଙ୍ଗା ପତାକା ଶୋଭାଯାତ୍ରାରେ ପ୍ରଦର୍ଶନ କରାଯାଇଥିଲା। ନୀଳମାଧବ ମହାବିଦ୍ୟାଳୟ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି କଣ୍ଟିଲୋ ଗ୍ରାମ ପରିକ୍ରମା କରିଥିଲା। ଦେଶାତ୍ମବୋଧକ ନାରା ଦେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ,ଅଧ୍ୟାପିକା ଓ ସାଧାରଣ ଜନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଜିଲ୍ଲା ସ୍ତରୀୟ ଜାତୀୟ କୃମିନାଶକ ଦିବସ

ନୟାଗଡ଼(ନିପ୍ର): ନୟାଗଡ଼ ଏନ. ଏ ସି .ହାଇସ୍କୁଲ ପରିସରର ଜିଲ୍ଲା ସ୍ତରୀୟ ଜାତୀୟ କୃମିନାଶକ ଦିବସ-୨୦୨୬ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୩,୦୦,୬୭୮ ଜଣ ଶିଶୁ ଓ କିଶୋର-କିଶୋରୀଙ୍କୁ ଅଲବେଣ୍ଡାଜୋଲ୍ ବଟିକା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ଏହି ଔଷଧ ସେବନ କରାଯାଇଥିବା ବେଳେ, ଯେଉଁମାନେ କୌଣସି କାରଣବଶତଃ ବଟିକା ଖାଇବାରୁ ବଞ୍ଚିତ ହେବେ।

### ଲଗାଣ ବର୍ଷାରେ ଚାଷଜମି ଜଳମଗ୍ନ

# ତିନି ପଞ୍ଚାୟତର ଶହ ଶହ ଏକର ଧାନଚାଷ ନଷ୍ଟ ଆଶଙ୍କା: ଚିନ୍ତାରେ ଚାଷୀ



ବେଲଗୁଣ୍ଠା, (ନିପ୍ର): ଗତ କିଛି ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଏବେ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବେଲଗୁଣ୍ଠା ବ୍ଲକ୍‌ର ନେଟଙ୍ଗା ପଞ୍ଚାୟତ,ବେଣିପୋଲି ପଞ୍ଚାୟତର ବରପୋଲି ଏବଂ ଗୋବରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗତ କିଛିଦିନ ଧରି ଲଗାତାର ବର୍ଷା ହେଉଥିବାରୁ ଚାଷଜମିରେ ବର୍ଷାଜଳ ଜମି ରହିଛି। ଦୀର୍ଘ ପ୍ରାୟ ଛଅ ଦିନ ଧରି ଜମିରୁ ପାଣି ନିଷ୍କାସନ ହୋଇପାରୁନଥିବାରୁ ତିନିଟି ପଞ୍ଚାୟତ ଅଞ୍ଚଳର ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ବିଶେଷକରି ଧାନ ରୁଆ ସରିଥିବା ବିଲଗୁଡ଼ିକରେ ଅଧିକ ପାଣି ଜମି ରହିବା ଯୋଗୁଁ ଧାନ ଗଛଗୁଡ଼ିକ ନଷ୍ଟ ହେବାର ଆଶଙ୍କା ବଢ଼ିଛି। ଚାଷୀମାନେ ଚାଷ ଆରମ୍ଭ ପୂର୍ବରୁ ବିହନ, ସାର, ଔଷଧ, ଜମି ପ୍ରସ୍ତୁତି ଓ ରୁଆ କାର୍ଯ୍ୟ ପାଇଁ ବହୁ ଟଙ୍କା ଖର୍ଚ୍ଚ କରିଛନ୍ତି। ଅନେକ ଚାଷୀ ଧାରକରଜ କରି ଚାଷ କରିଥିବା ବେଳେ ଏବେ ଲଗାଣ ବର୍ଷା ସେମାନଙ୍କ ଆଶାକୁ ମାଟିରେ ମିଶାଇବାକୁ ବସିଛି। ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ କହିବା ଅନୁଯାୟୀ, ବର୍ଷା ପରେ ଜମିରୁ ପାଣି ନିଷ୍କାସନ ପାଇଁ ପ୍ରାକୃତିକ ନାଳ, କେନାଲ ଓ ଜଳ ନିଷ୍କାସନ ପଥର ସୁବ୍ୟବସ୍ଥା ରହିବା ଆବଶ୍ୟକ। କିନ୍ତୁ ବହୁ ସ୍ଥାନରେ ଜଳ ନିଷ୍କାସନ ପଥ ଠିକ୍ ଭାବେ କାମ କରୁନଥିବାରୁ ବର୍ଷାଜଳ ଦୀର୍ଘ ସମୟ ଧରି ବିଲରେ ଜମି ରହୁଛି। ଫଳରେ ଧାନ ଗଛର ବିକାଶ ବାଧାପ୍ରାପ୍ତ ହେବା ସହ ଫସଲ ନଷ୍ଟ ହେବାର ଭୟ ଚାଷୀଙ୍କୁ ଘାରିଛି।କେତେକ ଚାଷୀ କହିଛନ୍ତି ଯେ, ଆଗାମୀ ଦିନରେ ଯଦି ପୁଣି ବର୍ଷା ହୁଏ ଏବଂ ଜମିରୁ ପାଣି ନିଷ୍କାସନ ନହୁଏ, ତେବେ କ୍ଷୟକ୍ଷତି ଆହୁରି ବଢ଼ିପାରେ। ଏଥିସହିତ ଚାଷୀଙ୍କ ଆର୍ଥିକ ସ୍ଥିତି ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେବ। ଚାଷ ଉପରେ ନିର୍ଭରଶୀଳ ପରିବାରଗୁଡ଼ିକ ଏହି ପରିସ୍ଥିତିକୁ ନେଇ ଅନିଶ୍ଚିତତାରେ ରହିଛନ୍ତି। ଏହି ପରିସ୍ଥିତିରେ ସ୍ଥାନୀୟ ଚାଷୀମାନେ ଗଣମାଧ୍ୟମ ମାଧ୍ୟମରେ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଇରିଗେସନ୍ ବିଭାଗ ଓ ଡ୍ୟାମ୍/କେନାଲ ବିଭାଗ ତୁରନ୍ତ ଅଞ୍ଚଳ ପରିଦର୍ଶନ କରି ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଆବଶ୍ୟକ ସ୍ଥାନରେ କେନାଲ ଓ ନାଳ ସଫା କରିବା ସହ ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ସମସ୍ୟା ଦୂର କରିବାକୁ ମଧ୍ୟ ଚାଷୀମାନେ ଅନୁରୋଧ କରିଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ଚାଷଜମିର ସରକାରୀ ସ୍ତରରେ ତୁରନ୍ତ ଆକଳନ କରାଯାଇ ଆବଶ୍ୟକ କ୍ଷତିପୂରଣ ଯୋଗାଇଦେବାକୁ କୁହାଯାଇଛି।

### ପୁଷ୍ପଗିରି ପ୍ରେସ ଫୋରମର ୧୬ତମ ବାର୍ଷିକ ଉତ୍ସବ

## ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମାକୁ ଆୟୁଷ୍ମାନ ଯୋଜନାରେ ସାମିଲ ନିଷ୍ପତିକୁ ବିରୋଧ

ବାଲିଚନ୍ଦ୍ରପୁର (ନିପ୍ର): ବାଲିଚନ୍ଦ୍ରପୁର ସ୍ଥିତ ଶ୍ରୀ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ଆଜି ପୁଷ୍ପଗିରି ପ୍ରେସ ଫୋରମର ୧୬ତମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେଡିକାଲ ଟେକନୋଲୋଜି ର ଅତିରିକ୍ତ ନିର୍ଦ୍ଦେଶିକା ଡାକ୍ତର ସଞ୍ଜୁଲତା ଶତପଥି ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ କାଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ସାମ୍ବାଦିକ ମାନଙ୍କ ଦାୟିତ୍ୱ ଓ ସମାଜ ପ୍ରତି ଥିବା ସେମାନଙ୍କ ଅବଦାନ ଉପରେ ନିଜର ଗୁରୁତ୍ୱପୂର୍ଣ ମତ ରଖି ଡାକ୍ତର ଶତପଥି କହିଥିଲେ ଯେ, ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ, ବରଂ ଏହା ସମାଜ ଗଠନର ଏକ ମୁଖ୍ୟ ସ୍ତମ୍ଭ । ଚିକିତ୍ସା ବିଜ୍ଞାନ ଏବଂ ସାମ୍ବାଦିକତା ଉଭୟଙ୍କ ଲକ୍ଷ୍ୟ ହେଉଛି ଜନସେବା । ଜନସାଧାରଣଙ୍କୁ ସଚେତନତା କରିବାରେ ଗଣମାଧ୍ୟମର ବଡ ଦାୟିତ୍ୱ ରହିଛି ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଯୋଗ ଦେଇ ସାମ୍ବାଦିକମାନଙ୍କ ସୁରକ୍ଷା ଓ ଅଧିକାରକୁ ନେଇ ସରକାରଙ୍କ ଉପରେ ନିଜର ଉଦବେଗ ପ୍ରକାଶ କରିଥିଲେ। ସାମ୍ବାଦିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ସରକାର ଆୟୁଷ୍ମାନ ଯୋଜନାରେ ପରିଣତ କରିବା ପାଇଁ କରୁଥିବା ଚିନ୍ତାଧାରାକୁ ତୀବ୍ର ସମାଲୋଚନା କରିଛନ୍ତି। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଯେଉଁଭଳି ଜରୁରୀ କାଳୀନ ଚିକିତ୍ସା ସୁବିଧା ମିଳୁଥିଲା, ଆୟୁଷ୍ମାନ ଯୋଜନାର କଡା ନିୟମ ଓ ଗାଇଡଲାଇନ ଭିତରେ ସାମ୍ବାଦିକମାନେ ସେଭଳି ସୁବିଧା ପାଇବାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଏଣୁ ସରକାର ଯଦି ଏହି ନିୟମ ପାଳନ କରନ୍ତି ତେବେ ଆଜିର ଏହି ପୁଷ୍ପଗିରି ପ୍ରେସ ଫୋରମ ବାର୍ଷିକ ଉତ୍ସବ ରୁ କହିରଖୁଛି ଆଗକୁ ଏହି ନିୟମ ବିରୋଧ ରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସୂଚନା ଦେଇଛନ୍ତି । ସମ୍ମାନୀତ ଅତିଥି ରୂପେ ଓୟୁଜେ ର ସାଧାରଣ ସମ୍ପାଦକ କିଷାନ କୁମାର ରାଉତ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ଶିତିକଣ୍ଠ କାନୁନଗୋ, ଯାଜପୁର ମିରର ର ମୁଖ୍ୟ ସମ୍ପାଦକ ଅଭୟ କୁମାର ପତି, ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘ ର ସଭାପତି ଅରୁଣ କୁମାର ରାଉତ ଯୋଗ ଦେଇ ସାମ୍ବାଦିକ ମାନଙ୍କୁ ସୁରକ୍ଷା ଦେବା ବଦଳରେ ସେମାନଙ୍କ ହକ ସରକାର ନ ଛଡାଇ ନେବାକୁ ସେମାଙ୍କର ମତ ରଖିଥିଲେ।

## ରେଳବାଇ ଚିକିତ୍ସାଳୟ ପକ୍ଷରୁ ସ୍ତନ୍ୟପାନ ସପ୍ତାହ

ଜଟଣୀ(ନିପ୍ର): ଖୋର୍ଦ୍ଧାରୋଡ୍ ସ୍ଥିତ ମଣ୍ଡଳ ରେଳବାଇ ଚିକିତ୍ସାଳୟର ବହିର୍ବିଭାଗ ପରିସରରେ ଏକ ସଚେତନତା ସେମିନାର ଆୟୋଜନ କରାଯାଇ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସଫଳତାର ସହ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁ ଏବଂ ମାତାମାନଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟଗତ ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା। ସ୍ତନ୍ୟପାନ ସୁରକ୍ଷା ଓ ଏ ସମ୍ପର୍କିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସେମିନାରରେ ଚିକିତ୍ସା ବିଶେଷଜ୍ଞ, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ଥାନୀୟ ଜନସାଧାରଣ ଏକତ୍ରିତ ହୋଇଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଚାରା ରୋପଣ




ଭୁବନେଶ୍ୱର(ନିପ୍ର): ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବୃହତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ, ପରୀକ୍ଷା ନିୟନ୍ତ୍ରକ ଡ. ଧରଣୀଧର ରଣା, ସ୍ନାତକୋତ୍ତର ବିଭାଗର ମୁଖ୍ୟ ଡ. ଚକ୍ରଧର ବେହେରା ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ରଛାତ୍ରୀମାନେ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଓ କାର୍ଯ୍ୟକ୍ରମ ଅଧିକାରୀ ଡ. ଶାରଦା ପ୍ରସନ୍ନ ଦାସ ଆୟୋଜନ କରିଥିଲେ ।

## ଶ୍ରମିକ କୃଷକଙ୍କ ଦେଶ ବଞ୍ଚାଓ ଲଢେଇ : ଜିଲାପାଳଙ୍କ ଅଫିସ ଘେରାଉ




କଟକ(ନିପ୍ର): କେନ୍ଦ୍ର ସରକାରର ଦେଶ ବିରୋଧୀ ଜନବିରୋଧୀ ନୀତି, ଶ୍ରମିକ କୃଷକ ମାରଣ ନୀତି ବିରୁଦ୍ଧରେ ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ସମୂହ ଓ ସଂଯୁକ୍ତ କିଶାନ ମୋର୍ଚ୍ଚାର ଦେଶବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ ଆହ୍ୱାନରେ କଟକଠାରେ ପୁରୀଘାଟ ଦେବୀ ଗଡ଼ା ଠାରୁ ଏକ ବିଶାଳ ମିଳିତ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରେ ପହଞ୍ଚିବା ପୂର୍ବରୁ ପୋଲିସ ବ୍ୟାରିକେଡ଼ ଦେଇ ଅଟକାଇ ଦେଇ ଥିଲା। ଜିଲାପାଳ କାର୍ଯ୍ୟାଳୟକୁ ନଯାଇପାରିବାରୁ ଅଟକ ସ୍ଥଳରେଏକ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୪ କଳା ଶ୍ରମ କୋର୍ଡର ବାତିଲ, ସମସ୍ତ ଠିକା ଓ ଆଉଟ ସୋର୍ସିଙ୍ଗ ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ କରିବା, ପ୍ରକଳ୍ପ କର୍ମୀଙ୍କୁ ସରକାରୀ ଶ୍ରମିକ ରୂପେ ମାନ୍ୟତା ଦେବା, ସମସ୍ତ ଶୂନ୍ୟ ସ୍ଥାନର ପୂରଣ, ସରକାରୀ ସଂସ୍ଥାର ଘରୋଇକରଣ ବନ୍ଦକରିବା,ଖଣି ଜଙ୍ଗଲ ଓଜଳର କର୍ପୋରେଟ ଲୁଟ୍ ବନ୍ଦ, ଦରଦାମ ନିୟନ୍ତ୍ରଣ, ଫସଲରସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ନିଶ୍ଚିତତା, ପ୍ରମୁଖ ଦାବିରେ ଦେଶବ୍ୟାପୀ ଏହି ଆନ୍ଦୋଳନ ହେଉଅଛି।

## କୁଚିଣ୍ଡା କଲେଜ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ ସାତଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ସ୍ୱାଭିମାନର ସହ ବଞ୍ଚିବାକୁ ହେଲେ ଆତ୍ମରକ୍ଷା ଜରୁରୀ ବୋଲି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସଂଯୋଜିକା ତଥା ଅଧାପିକା ଗଜମତି କୁମୁରା ସ୍ୱାଗତ ଭାଷଣ ଦେଇ ସାହାସୀ ଓ ନିର୍ଭୀକ ହୋଇ ନିଜର ଶକ୍ତିକୁ ଜାଗ୍ରତ କରିବାକୁ କହିଥିବା ବେଳେ ପ୍ରଶିକ୍ଷିକା ସୁଶ୍ରୀ ରିତିକା ମହାତୋ ଛାତ୍ରୀମାନେ ସବୁଦିନ ଅଭ୍ୟାସ ଜାରି ରଖିବାକୁ କହିଥିଲେ। ଅଧାପିକା ସୁଶ୍ରୀ ଜୟନ୍ତୀ ସିଙ୍ଘ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏଥିରେ ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ଥିଲେ। ଏହି ଅବସରରେ ତାଲିମ ଗ୍ରହୀତା ଛାତ୍ରୀଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା।

## ବୁଲା ଗୋରୁ ଓ କୁକୁରଙ୍କ ପ୍ରାଦୁର୍ଭାବରେ ଆତଙ୍କିତ ଏନଏସିର ଜନସାଧାରଣ



ଆଠଗଡ଼,(ନିପ୍ର): ଆଠଗଡ଼ରେ ବୁଲା ଗାଇଗୋରୁ ଓ ବୁଲା କୁକୁରଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନେ ଦଳବଦ୍ଧ ଭାବରେ ଏନଏସିର ବିଭିନ୍ନ ୱାର୍ଡର ରାସ୍ତା ଉପରେ ଏବଂ ସହର ମଧ୍ୟ ଦେଇ ଯାଇଥିବା ୬୫ ନମ୍ବର ରାଜପଥର ବିଭିନ୍ନ ଛକ ଓ ମୁଖ୍ୟ ରାସ୍ତାରେ ଅବାଧ ବିଚରଣ କରିବା ଫଳରେ ପଥଚାରୀମାନେ ଦୁର୍ଘଟଣାର ଶିକାର ହେବା ସହ ସେମାନଙ୍କ ଆକ୍ରମଣର ଶିକାର ହେଉଛନ୍ତି। ରାସ୍ତାରେ ଦଳଦଳ ଗାଇଗୋରୁ ଓ ବୁଲା କୁକୁରଙ୍କ ଚରାଭୂଇଁ ପାଲଟିଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ତଥା ସାଧାରଣ ଜନତା ଗମନାଗମନ କରିବାରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ବହୁ ସମୟରେ ବାଇଆ କୁକୁର ଓ ସାଧାରଣ କୁକୁର କାମୁଡ଼ାରେ ଲୋକେ ଚିକିତ୍ସିତ ହେବାର ବହୁ ନଜିର ଦେଖିବାକୁ ମିଳୁଛି। ଏମାନଙ୍କ ଯୋଗୁଁ ବହୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।ସେହିପରି ବୁଲା ଷଣ୍ଢ ଲଢେଇ ସମୟରେ ହେଉ କି ଅନ୍ୟ ସମୟରେ ସେମାନଙ୍କ ଆକ୍ରମଣରେ ଲୋକମାନେ ଲହୁଲୁହାଣ ହେଉଛନ୍ତି। ବୁଲା ଗାଇଗୋରୁ ଓ ବୁଲା କୁକୁରମାନଙ୍କ ଯୋଗୁଁ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏମିତି ବି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ଦୁହିଁବା ପରେ ଗାଈକୁ ଗୁହାଳରେ ନବାନ୍ଧି ରାସ୍ତାରେ ବୁଲିବାକୁ ଛାଡ଼ି ଦେଉଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରେଭେନ୍ସା ବିଶ୍ୱବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକଳାପ ସୁରୁଖୁରୁରେ ଚାଲିଛି: ଶିକ୍ଷକ ସଂଘ

କଟକ, ୧୦।୮: ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ରୁଟା ସୋମବାର ଦିନ କହିଛି ଯେ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ କାର୍ଯ୍ୟକଳାପ ସୁରୁଖୁରୁରେ ଚାଲିଛି, ସାମ୍ପ୍ରତିକ କ୍ୟାମ୍ପସ ବିବାଦ ସତ୍ତ୍ୱେ ନିୟମିତ ଶ୍ରେଣୀ, ସ୍ନାତକୋତ୍ତର ପ୍ରବେଶ ଏବଂ ସ୍ନାତକୋତ୍ତର ସ୍ପଟ୍ ଆଡମିସନ୍ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚାଲିଛି। ଜଣେ ରୁଟା ସଦସ୍ୟ ନେତାଜୀ ଅଭିନନ୍ଦନ କହିଛନ୍ତି ଯେ ସମସ୍ତ ପ୍ରଫେସର କ୍ଲାସ ନେଉଛନ୍ତି ଏବଂ ଆଡ଼ମିସନ ପ୍ରକ୍ରିୟା ବିନା କୌଣସି ବାଧାରେ ଆଗକୁ ବଢୁଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ ସୁରୁଖୁରୁରେ ଚାଲିଛି। ସମସ୍ତ ପ୍ରଫେସର କ୍ଲାସ ନେଉଛନ୍ତି। ପିଜି ଆଡ଼ମିସନ ଗତ ଶନିବାର ଆରମ୍ଭ ହୋଇଥିଲା ଏବଂ ଜାରି ରହିଛି, ଯେତେବେଳେ +୩ ସ୍ପଟ୍ ଆଡମିସନ୍ ମଧ୍ୟ ଚାଲିଛି ବୋଲି ସେ କହିଛନ୍ତି। ଶିକ୍ଷକ ସଂଘ ଏହା ମଧ୍ୟ କହିଛି ଯେ ଅଧ୍ୟାପକ ସଦସ୍ୟମାନେ ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଶୈକ୍ଷିକ ଦାୟିତ୍ୱ ଜାରି ରଖିଛନ୍ତି। ଆମେ ମଧ୍ୟ ଆମର ଦାୟିତ୍ୱ ନିର୍ବାହ କରୁଛୁ। ସବୁକିଛି ସୁରୁଖୁରୁରେ ଚାଲିଛି, ଏବଂ କ୍ୟାମ୍ପସରେ କୌଣସି ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ସେ କହିଛନ୍ତି। ତଥାପି, ଆସୋସିଏସନ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଦ୍ୱାରା ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ଲେଖାଯାଇଥିବା ପତ୍ରକୁ ପ୍ରତ୍ୟାହାର କରିବା ପାଇଁ ଦାବିକୁ ପୁନର୍ବାର ଦୋହରାଇଛି, ଯେଉଁଥିରେ ରେଭେନସା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଏବଂ ମୁଖ୍ୟ ୱାର୍ଡେନ ଡକ୍ଟର ସୁଦର୍ଶନ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା।

# ୧୦ ଦିନ ହେଲା ପାଣିଘେରରେ ଅଣକା ପଞ୍ଚାୟତ: ପ୍ରଶାସନର ନିଘା ନାହିଁ



ବଡ଼ଚଣା(ନିପ୍ର): ଚଳିତ ବନ୍ୟା ଓ ଲଗାଣ ବର୍ଷା ଯୋଗୁଁ ବଡ଼ଚଣା ବ୍ଲକ୍ ଅଣକା ଗ୍ରାମ ପଞ୍ଚାୟତର ସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ପଞ୍ଚାୟତ ଅଧୀନ ୧୦ଟି ମୌଜା ଦୀର୍ଘ ୧୦ ଦିନ ହେବ ପାଣି ଘେରରେ ରହିଥିବା ବେଳେ ରାହାଳ, ମହିପୁର, ରଘୁନାଥପୁର, ଭୁଲୁକା, ମହାଦେଇପୁର, ଖଡ଼ିଅଙ୍ଗ, ଦକ୍ଷିଣକୂଳ ଓ ଅଣକା ଗ୍ରାମର ରାସ୍ତାଗୁଡ଼ିକ ଗତ ୪ ଦିନ ଧରି ବନ୍ୟାଜଳରେ ବୁଡ଼ି ରହିଛି। ଫଳରେ ଏହି ଅଞ୍ଚଳରେ ଯାତାୟାତ ପ୍ରାୟ ଠପ ହୋଇପଡ଼ିଥିବା ବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଚାଲିଛି। ଏଭଳି ଦୁର୍ଦ୍ଦିନରେ ମଧ୍ୟ ଏଯାଏଁ କୌଣସି ବିପନ୍ନ ପରିବାରଙ୍କ ପାଖରେ ସରକାରୀ ସହାୟତା ପହଞ୍ଚିନଥିବା ଅଭିଯୋଗ ହୋଇଛି। ବନ୍ୟା ଓ ବର୍ଷାଜଳରେ ଅନେକ ପରିବାରର ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା ବେଳେ ପ୍ରଭାବିତ ପରିବାର ଗୁଡ଼ିକ ମୌଳିକ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଞ୍ଚିତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତର ପ୍ରାୟ ସମସ୍ତ ପଡ଼ିଆ ଓ ଚାଷଜମି ପାଣିରେ ବୁଡ଼ି ରହିଥିବାରୁ ଗାଇଗୋରୁଙ୍କ ପାଇଁ ଗୋଖାଦ୍ୟର ଘୋର ଅଭାବ ଦେଖାଦେଇଛି। ଦୀର୍ଘଦିନ ଧରି ଏଭଳି ସ୍ଥିତି ଲାଗି ରହିଥିଲେ ମଧ୍ୟ ଏଯାଏଁ ପ୍ରଭାବିତ ଅଞ୍ଚଳରେ ଗୋଖାଦ୍ୟ ପହଞ୍ଚିନଥିବା ନେଇ ପଶୁ ପାଳକମାନେ ଚିନ୍ତା ପ୍ରକାଶ କରିଛନ୍ତି। ସମସ୍ତ ସମସ୍ୟାକୁ ନେଇ ବନ୍ୟା ବିପନ୍ନ ଓ ସମାଜସେବୀ ମାନେ ସ୍ଥାନୀୟ ପ୍ରଶାସନକୁ ଟେଲିଫୋନ୍ କରୁଥିଲେ ମଧ୍ୟ ସେମାନେ ଫୋନ ଉଠାଉ ନାହାଁନ୍ତି କି ବନ୍ୟା ବିପନ୍ନ ପରିବାର ପାଖରେ ପହଞ୍ଚି ନାହାଁନ୍ତି । ରାଜସ୍ୱ ଓ କୃଷି ବିଭାଗ ଅଚିନ୍ତା ନିଦ୍ରାରେ କ୍ଷୟକ୍ଷତି ଆକଳନ କେବେ କରିବେ ଏତେ ଅବସ୍ଥା ପରେ ମଧ୍ୟ ସରକାରୀ ସ୍ତରରେ ବନ୍ୟାଞ୍ଚଳ ଘୋଷଣା ନ କରିବା ଚାଷୀକୂଳର ମେରୁଦଣ୍ଡ ଭାଙ୍ଗିଦେଲା ଭଳି ପ୍ରୟାସ ହେଉଛି। ସ୍ଥାନୀୟ ମହଲରେ ଆଉ ଏକ ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ବ୍ଲକ୍ ୱେୟାରହାଉସ୍‌ରେ ବନ୍ୟା ବିପନ୍ନଙ୍କ ପାଇଁ ଶୁଖିଲା ଖାଦ୍ୟ ପୁଡ଼ିଆ ମହଜୁଦ ରହିଛି। ତେବେ ବନ୍ୟାଞ୍ଚଳରେ ଲୋକେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ନ ପାଇ ହନ୍ତସନ୍ତ ହେଉଥିବା ବେଳେ ମହଜୁଦ ଥିବା ରିଲିଫ୍ ସାମଗ୍ରୀ ବିପନ୍ନଙ୍କ ପାଖରେ କାହିଁକି ପହଞ୍ଚୁନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହା ସହିତ ଖୋଲା ବଜାରରୁ ଅତିରିକ୍ତ ଭାବେ ସ୍ୱଳ୍ପ ପରିମାଣର ଶୁଖିଲା ଖାଦ୍ୟ କ୍ରୟ କରାଯାଉଥିବା ନେଇ ମଧ୍ୟ ସ୍ଥାନୀୟ ମହଲରେ ଆଲୋଚନା ହେଉଛି। ଗୋଦାମରେ ମହଜୁଦ ଥିବା ରିଲିଫ୍ ସାମଗ୍ରୀର ଠିକ୍ ବ୍ୟବହାର ହେଉଛି କି ନାହିଁ, ସେନେଇ ସ୍ୱଚ୍ଛତା ରହିଛି କି ନାହିଁ ଏବଂ କୌଣସି ପ୍ରକାର ଅପବ୍ୟବହାର ହେଉନାହିଁ ତ ଏହାର ସ୍ପଷ୍ଟତା ପ୍ରଶାସନ ପକ୍ଷରୁ ଦିଆଯିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅଣକା ଗ୍ରାମ ପଞ୍ଚାୟତର ଏକାଧିକ ପରିବାର ସାମାଜିକ ଗଣମାଧ୍ୟମରେ ବନ୍ୟା ପରିସ୍ଥିତି ଓ ସରକାରୀ ସହାୟତା ନପହଞ୍ଚିବା ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବିପନ୍ନଙ୍କ ଦୁର୍ଦ୍ଦଶା ଦୂର କରିବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ତିଥି :(ତ୍ରୟୋଦଶୀ/ଚତୁର୍ଦ୍ଦଶୀ): (ପୁର୍ନବସୁ ମିଥୁନ)
ଅମୃତ ବେଳା: ଦିବା ଘ ୭ । ୫୩ ଗତେ ଘ୧୦ ।୧୭ ଗତେ

## ଆଜିର ଅନୁଚିନ୍ତନ

ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଦ୍ଧି, ନିର୍ବୈରଭାବ ଏବଂ ସମ୍ମାନ ନ ଚାହିଁବା, ହେ ଭରତବଂଶଜ ଅର୍ଜୁନ! ଏସବୁ ଦୈବୀସମ୍ପଦପ୍ରାପ୍ତ ମନୁଷ୍ୟଙ୍କର ଲକ୍ଷଣ ଅଟେ ।। - ଶ୍ରୀମଦ୍ ଭଗବଦ୍ ଗୀତା

# ବ୍ୟବସ୍ଥାରେ ଆସୁ ପରିବର୍ତ୍ତନ

ସରକାରୀ ଚାକିରି ସୁରକ୍ଷିତ କାରଣରୁ ଯୁବପିଢି ସର୍ବଦା ଏଥିପ୍ରତି ଆକର୍ଷିତ । ତେବେ ଏଥିଲାଗି ହେଉଥିବା ରିକ୍ରୁଟ୍‌ମେଣ୍ଟ ପରୀକ୍ଷାରେ ବହୁ ସମୟରେ ବିଭ୍ରାଟ ଆଜିକାଲି ଯେଉଁଳି ସାଧାରଣ ହୋଇଗଲାଣି ତାହା ବଡ଼ ଦୁର୍ଭାଗ୍ୟଜନକ । ନିକଟରେ ନିଟ୍ ୟୁଜି ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗ ନେଇ ଜନ୍ତରମନ୍ତର ଠାରେ ଜେନ୍ -ଜି ମାନେ ଏକାଠି ହେଲେ ଏବଂ ତାହାର ପରିଣତି ଯାହା ହେଲା ଦେଶବାସୀ ଜାଣନ୍ତି । ଏବେ ସମପ୍ରକାର ଘଟଣା ଘଟିଛି ଝାଡ଼ଖଣ୍ଡରେ । ଝାଡ଼ଖଣ୍ଡ ପବ୍ଲିକ ସର୍ଭିସ କମିଶନ (ଜେପିଏସ୍‌ସି) ଓ ଝାଡ଼ଖଣ୍ଡ ଷ୍ଟାଫ୍ ସିଲେକ୍ସନ କମିଶନ (ଜେଏସ୍‌ଏସ୍‌ସି) ଦ୍ୱାରା ଆୟୋଜିତ ହୋଇ ଆସୁଥିବା ପରୀକ୍ଷା ବିଭ୍ରାଟ ନେଇ ବହୁ ସମୟରେ ଅଭିଯୋଗ ଏକ ପ୍ରକାର ସାଧାରଣ ହେଲାଣି । କେତେବେଳେ ପେପର ଲିକ୍ ତ କେତେବେଳେ ପରୀକ୍ଷାରେ ଅନିୟମିତତା, ପୁଣି କେତେବେଳେ ପରୀକ୍ଷା ଆୟୋଜନରେ ଅହେତୁକ ବିଳମ୍ବ, ପୁଣି ମୂଲ୍ୟାୟନଗତ ବିବାଦ ସାଙ୍ଗକୁ ଅଦାଲତି ମାମଲା ନିୟୋଜନ ପ୍ରକ୍ରିୟାରେ ବାଧା ପହଞ୍ଚାଉଛି । ଏସବୁ ପ୍ରଶାସନିକସ୍ତରୀୟ ଉଦାସୀନତାକୁ ଇଙ୍ଗିତ କରେ, ଏଥିରେ କେହି ସମ୍ଭବତଃ ଦ୍ୱିମତ ହେବେନାହିଁ । କିନ୍ତୁ ଜେନ -ଜି ଏହାକୁ ବେଶ୍ ଲକ୍ଷ୍ୟ କରୁଛନ୍ତି ନିଶ୍ଚୟ ।

ଜେଏସ୍‌ଏସ୍‌ସିର କମ୍ବାଇନଣ୍ଡ ଗ୍ରାଜୁଏଟ ଲେବଲ(ସିଜିଏଲ୍) ପରୀକ୍ଷାରେ ଅନିୟମିତତା ଅଭିଯୋଗ ପରିପ୍ରେକ୍ଷୀରେ ଛାତ୍ର, ଯୁବବର୍ଗ, ଜେନ୍-ଜିମାନେ ଏହାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ ତଦନ୍ତ ଆଦେଶ ରାଜ୍ୟ ସରକାର ଦିଅନ୍ତୁ ବୋଲି ଦାବି କରିବା କିଛି ଅସ୍ୱାଭାବିକ ନୁହେଁ । ସ୍ମରଣ କରାଯାଇପାରେ ନିକଟରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ଜେନ୍-ଜି ଅଧିକ ସଚ୍ଚୋଟ ବୋଲି ବକ୍ତବ୍ୟ ରଖିଥିଲେ । ପୁଣି ଆଜିକାଲି ରାଜନୀତିକ ଦଳଗୁଡ଼ିକ ଜେନ୍-ଜି ପ୍ରତି ପ୍ରଶଂସା ମୁଖର ହେଉଥିବା ପରିଲକ୍ଷିତ ହେଉଛି । ତେବେ ବେଶ୍ କିଛିଦିନ ହେବ ଝାଡ଼ଖଣ୍ଡରେ ଛାତ୍ର ଆନ୍ଦୋଳନ ଲାଗି ରହିବାର ପରଣତି ସ୍ୱରୂପ ଜେପିଏସ୍‌ସିର ୩ ସଦସ୍ୟ ଇସ୍ତଫା ଦେଇଛନ୍ତି । ଝାଡ଼ଖଣ୍ଡ ସିଆଇଡି ବିଭାଗ ଆଲୋଚ୍ୟ ୩ ସଦସ୍ୟଙ୍କୁ ସମନ ମଧ୍ୟ ଜାରି କରିଛି ।

ତେବେ ପ୍ରଶ୍ନ ଉଠୁଛି କାହିଁକି ସଦ୍ୟତମ ଜେପିଏସ୍‌ସି ବିବାଦର ସୂତ୍ରପାତ ଘଟିଲା ? ଏ ସଂପର୍କିତ ତଥ୍ୟଟି ସଂକ୍ଷେପରେ ଆଲୋଚନା କଲେ ଏହା ହେବ ଯେ ଗତ ଏପ୍ରିଲରେ ଜେପିଏସ୍‌ସି ଦ୍ୱାରା ୧୪ତମ କମ୍ବାଇନ୍‌ଡ ସିଭିଲ ସର୍ଭିସେସ୍ ପରୀକ୍ଷା ଅନୁଷ୍ଠିତ ହେଲା । ଯେବେ ପ୍ରିମିଲିନାରୀ ଫଳାଫଳ ପ୍ରକାଶିତ ହେଲା ସେଥିରେ ଲକ୍ଷ୍ୟ କରାଗଲା ଯେ ବର୍ଗୀକରଣ ମୁତାବକ କଟ୍-ଅଫ୍ ମାର୍କ ଦର୍ଶାଯାଇନାହିଁ କି ପ୍ରକାଶିତ ମେରିଟ୍ ଲିଷ୍ଟରେ କମିଶନଙ୍କ ସାମ୍ବିଧାନିକ ସଦସ୍ୟଙ୍କ ଦସ୍ତଖତମାନ ନ ଥିଲା । ଅଧିକନ୍ତୁ ସୋସିଆଲ ମିଡିଆରେ ଏହି ପରୀକ୍ଷାର ଓଏମ୍‌ଆର୍ ଉତ୍ତରଖାତା ଉପସ୍ଥାପିତ ହେବା ଅଭିଯୋଗ ବିବାଦକୁ ତେଜିବାରେ ଇନ୍ଧନ ଯୋଗାଇଲା । ପରବର୍ତ୍ତୀ ସମୟରେ ଛାତ୍ର ଆନ୍ଦୋଳନ ହେତୁ ସିଆଇଡି ତଦନ୍ତ ହେଲା ଓ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ କେତେକଙ୍କୁ ଗିରଫ କରିଥିଲା । ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ଜଣେ ବ୍ଲକ ସପ୍ଲାଏ ଅଫିସର, ଯିଏକି ରିକ୍ରୁଟ୍‌ମେଣ୍ଟ ର୍ୟାକେଟ୍ ଚଳାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।

ଉକ୍ତ ରାଜ୍ୟରେ ସଦ୍ୟ ଛାତ୍ର ନିଯୁକ୍ତି ପରୀକ୍ଷା ବିଭ୍ରାଟ ପ୍ରସଙ୍ଗ ନେଇ ଯୁବସମାଜ ରାଜ୍ୟ ବିଧାନସଭା ମୁହାଁ ହୋଇଥିବାବେଳେ ସେମାନଙ୍କ ଉପରକୁ ପାଣି ମାଡ଼ କରିବା ଓ ପରବର୍ତ୍ତୀ ସମୟରେ ମୁହାଁମୁହିଁ ସ୍ଥିତି ଉପୁଜିବା ଏବଂ ଆନ୍ଦୋଳନର ଉଗ୍ରତା ପରିପ୍ରେକ୍ଷୀରେ ସରକାରୀସ୍ତରରେ ଯେଉଁ ତତ୍ପରତା ପ୍ରକାଶ ପାଇବା କଥା ତାହା ଲକ୍ଷ୍ୟ କରାନଯିବା ବିଡ଼ମ୍ବନା ବୋଲି କୁହାଯିବ । ସାଧାରଣତଃ ନିଯୁକ୍ତି ପରୀକ୍ଷା ବିଭ୍ରାଟ ଏକ ସମ୍ବେଦନଶୀଳ ପ୍ରସଙ୍ଗ । ରାଜ୍ୟ ସରକାର ବିଶେଷଜ୍ଞମାନଙ୍କୁ ନେଇ ଏ ବାବଦରେ ତ୍ୱରିତ୍ ପଦକ୍ଷେପ ନ ନେଲେ ଆଗକୁ ସ୍ଥିତି ଅସମ୍ଭାଳ ହେବା କିଛି ବିଚିତ୍ର ନୁହେଁ ।

# ‘ୟୁପିଆଇ’ଉପରେ ଶୁଳ୍କ : ଡିଜିଟାଲ ସାର୍ବଭୌମତ୍ୱ ଉପରେ ପ୍ରଶ୍ନ !

### ଅସିତ ମହାନ୍ତି

“ ୟୁପିଆଇ ଭାରତର ନିଜସ୍ୱ ଡିଜିଟାଲ ବିପ୍ଳବ ଥିଲା, ଯାହା ସାଧାରଣ ଲୋକଙ୍କୁ ଶୁଳ୍କ ବିନା କାରବାର କରିବାର ସ୍ୱାଧୀନତା ଦେଇଥିଲା । ଯଦି ଏହା ଉପରେ ଟିକସ ଲଗାଯାଏ, ତେବେ ଏହି ସ୍ୱାଧୀନତା ଧୀରେ ଧୀରେ କ୍ଷୁଣ୍ଣ ହେବ । ଏହା କେବଳ ଏକ ଆର୍ଥିକ ପ୍ରସଙ୍ଗ ନୁହେଁ, ବରଂ ଭାରତର ଡିଜିଟାଲ ସାର୍ବଭୌମତ୍ୱର ମଧ୍ୟ ଏକ ପ୍ରଶ୍ନ । ଯଦି ଭାରତ ଆମେରିକା ଭଳି ଦେଶଗୁଡ଼ିକର ଚାପରେ ଏହାର ନୀତି ପରିବର୍ତ୍ତନ କରେ, ତେବେ ଏହା ଭବିଷ୍ୟତରେ ଆମର ଆତ୍ମନିର୍ଭରଶୀଳତାକୁ ଦୁର୍ବଳ କରିବ । ତେଣୁ, ଜନସାଧାରଣ ଏହି ପରିବର୍ତ୍ତନକୁ ବୁଝି ସରକାରଙ୍କୁ ପ୍ରଶ୍ନ କରିବା ଅତ୍ୟନ୍ତ ଜରୁରୀ । ଟିକସ ବୋଝ ଶେଷରେ ସାଧାରଣ ଲୋକଙ୍କ ଉପରେ ପଡ଼ିବ, ବ୍ୟବସାୟୀମାନଙ୍କ ମାଧ୍ୟମରେ ହେଉ କିମ୍ବା ବର୍ଦ୍ଧିତ ସାମଗ୍ରୀ ମୂଲ୍ୟ ଆକାରରେ । ସରକାର ସ୍ପଷ୍ଟ କରିବା ଉଚିତ ଯେ ଏହା ପ୍ରକୃତରେ ଜନହିତରେ କାର୍ଯ୍ୟ କରୁଛି କି ବିଦେଶୀ କମ୍ପାନୀଗୁଡ଼ିକର ଚାପରେ ।

ଭାରତ ସରକାର ଖୁବ୍ ଶୀଘ୍ର ୟୁପିଆଇ - ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ ଉପରେ ଏକ ଶୁଳ୍କ ଲଗାଇପାରନ୍ତି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଟିକସ ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୨୬ ଆଗତ କରିଛନ୍ତି, ଯାହା ସରକାରଙ୍କୁ ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ କାରବାର ପାଇଁ ଶୁଳ୍କ ଆଦାୟ କରିବାକୁ ଅନୁମତି ଦେବ । ଏହା ଚିନ୍ତା ସୃଷ୍ଟି କରିଛି କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ୟୁପିଆଇ ବ୍ୟବହାରକାରୀଙ୍କ ପାଇଁ ଏକ ମାଗଣା ସେବା ହୋଇଆସିଛି ।

ଏକ ଦଶମ ପୋଷ୍ଟରେ, ନିର୍ମଳା ସୀତାରମଣ ସରକାରଙ୍କ ମତ ସ୍ପଷ୍ଟ କରି କହିଛନ୍ତି ଯେ ଯଦି ୟୁପିଆଇ ପାଇଁ ଶୁଳ୍କ ଲଗାଯାଏ, ତେବେ ଏହା ଶେଷ ବ୍ୟବହାରକାରୀଙ୍କୁ ପ୍ରଭାବିତ କରିବ ନାହିଁ । ତାଙ୍କର ଉତ୍ତର କଂଗ୍ରେସ ନେତା ଜୟରାମ ରମେଶଙ୍କ ପ୍ରତିକ୍ରିୟାରେ ଥିଲା ଯିଏ ଅଭିଯୋଗ କରିଥିଲେ ଯେ ସରକାର ଏହାକୁ ଭବିଷ୍ୟତରେ ସମସ୍ତ ପ୍ରକାରର ଡିଜିଟାଲ ପେମେଣ୍ଟ ଉପରେ ଶୁଳ୍କ ଆଦାୟ କରିବାର ସୁଯୋଗ ଭାବରେ ବ୍ୟବହାର କରିପାରନ୍ତି । ଆପଣ ଦେଖନ୍ତୁ, ୟୁପିଆଇ ପାଇଁ ପ୍ରସ୍ତାବିତ ଶୁଳ୍କକୁ ଏମ୍‌ଡିଆର୍ କିମ୍ବା ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ କୁହାଯାଏ । ଶବ୍ଦଟି ଯେପରି ସୂଚିତ କରେ, ଏହା ନିୟମିତ ବ୍ୟବହାରକାରୀଙ୍କ ଉପରେ ନୁହେଁ, ୟୁପିଆଇ ବ୍ୟବହାର କରୁଥିବା ବ୍ୟବସାୟୀଙ୍କ ଉପରେ ନିଆଯିବ । ପ୍ରକୃତରେ ଏହା ସରକାରଙ୍କ କଥା, କିନ୍ତୁ କ’ଣ ସେହି ଗୁପ୍ତ ତଥ୍ୟ ଯାହାକୁ ଜନସାଧାରଣଙ୍କ ପାଇଁ ଲୁଚାଇ ରଖାଯାଇଛି ?

ଯେତେବେଳେ ଭାରତରେ ପ୍ରଥମ ଥର ପାଇଁ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ ପ୍ରଚଳନ କରାଯାଇଥିଲା, ଏହାକୁ ଏକ ବିପ୍ଳବ ଭାବରେ ଦେଖାଯାଇଥିଲା ଯାହା ସାଧାରଣ ନାଗରିକଙ୍କୁ କୌଣସି ଶୁଳ୍କ ବିନା ଡିଜିଟାଲ୍ କାରବାର କରିବାକୁ ଅନୁମତି ଦେଇଥିଲା । ଏହି ବ୍ୟବସ୍ଥା କେବଳ ବ୍ୟାଙ୍କ ଏବଂ ବ୍ୟବସାୟୀଙ୍କ ପାଇଁ ସରଳ ନୁହେଁ, ବରଂ ସାଧାରଣ ଜନତାଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ ଥିଲା । ସରକାର ଏହାକୁ ଏକ ‘ମାଗଣା ସେବା’ ଭାବରେ ଉପସ୍ଥାପନ କରିଥିଲେ, ଏବଂ ଏହି କାରଣରୁ ଲକ୍ଷ ଲକ୍ଷ ଲୋକ ଛୋଟ ଏବଂ ବଡ଼ ଉଭୟ କାରବାର ପାଇଁ ୟୁପିଆଇ ବ୍ୟବହାର କରନ୍ତି । ତଥାପି, ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ବିଷୟରେ ସାମ୍ପ୍ରତିକ ଆଲୋଚନାରୁ ପ୍ରଶ୍ନ ଉଠିଛି ଯେ ସରକାର ଧୀରେ ଧୀରେ ଏହି ମାଗଣା ସେବାକୁ ଟିକସ ଜାଲ ଅଧୀନକୁ ଆଣୁଛନ୍ତି କି ନାହିଁ ।

ବାସ୍ତବତା ହେଉଛି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ, ବ୍ୟକ୍ତି-ବ୍ୟକ୍ତି କାରବାର ଉପରେ କୌଣସି ଟିକସ ନାହିଁ । ତଥାପି, ୟୁପିଆଇ ମାଧ୍ୟମରେ ବ୍ୟବସାୟୀମାନେ ପାଇଥିବା ଟଙ୍କାକୁ ସେମାନଙ୍କ ବ୍ୟବସାୟର ଏକ ଅଂଶ ଭାବରେ ବିବେଚନା କରାଯାଏ ଏବଂ ଜିଏସ୍‌ଟି ପରି ଟିକସ ବ୍ୟବସ୍ଥା ଅଧୀନରେ ଅଛି । ଏହା ବ୍ୟତୀତ, ୟୁପିଆଇ ଆପ୍ସରୁ ପ୍ରାପ୍ତ କ୍ୟାସବ୍ୟାକ୍ ମଧ୍ୟ ଆୟ ଭାବରେ ବିବେଚନା କରାଯାଏ । ନୂତନ ବିଧାନସଭା ସଂଶୋଧନ ଭବିଷ୍ୟତରେ ବ୍ୟବସାୟୀମାନଙ୍କଠାରୁ ‘ବ୍ୟବସାୟୀ ରିହାତି ହାର’ କିମ୍ବା ଏମ୍‌ଡିଆର୍ ଆଦାୟ କରାଯାଇପାରିବ ବୋଲି ସମ୍ଭାବନା ଖୋଲେ । ଏହା ସେହି ସମାନ ଶୁଳ୍କ ଯାହା ଭିସା ଏବଂ ମାଷ୍ଟରକାର୍ଡ ପରି କାର୍ଡ ନେଟୱାର୍କ ବର୍ଷ ବର୍ଷ ଧରି ଆଦାୟ କରିଆସୁଛି ।

ଏହିଠାରେ ଆମେରିକାର ଚାପ ବୁଝାପଡୁଛି । ଭିସା ଏବଂ ମାଷ୍ଟରକାର୍ଡ ଭଳି ଆମେରିକୀୟ ନେଟୱାର୍କଗୁଡ଼ିକ ପ୍ରତ୍ୟେକ କାରବାର ଉପରେ ଶୁଳ୍କ ଆଦାୟ କରନ୍ତି । ୟୁପିଆଇ ମାଗଣା ହେବା ସେମାନଙ୍କ ବ୍ୟବସାୟକୁ ଗୁରୁତର ଭାବରେ ପ୍ରଭାବିତ କରିଛି । ଭାରତରେ ଲକ୍ଷ ଲକ୍ଷ ଲୋକ ଏବେ କାର୍ଡ ବଦଳରେ ୟୁପିଆଇ ବ୍ୟବହାର କରନ୍ତି । ଯଦି ସରକାର ଏମ୍‌ଡିଆର୍ ଲାଗୁ କରନ୍ତି, ତେବେ ବ୍ୟବସାୟୀମାନଙ୍କୁ ୟୁପିଆଇ ଏବଂ କାର୍ଡ ଉଭୟ ପାଇଁ ପ୍ରାୟ ସମାନ ଶୁଳ୍କ ଦେବାକୁ ପଡିବ । ଏହା ସିଧାସଳଖ କାର୍ଡ ବ୍ୟବହାରକୁ ପ୍ରଭାବିତ କରିବ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକୁ ଲାଭ ଦେବ ।




ସରକାର ଯୁକ୍ତି ଦେଇଛନ୍ତି ଯେ ଏମ୍‌ଡିଆର୍ ବ୍ୟାଙ୍କ ଏବଂ ଫିନଟେକ୍ କମ୍ପାନୀଗୁଡ଼ିକୁ ସେମାନଙ୍କର ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସମ୍ବଳ ଯୋଗାଇବ । ତଥାପି, ବାସ୍ତବତା ହେଉଛି ଯେ ଏହି ପଦକ୍ଷେପ ବିଦେଶୀ ନିବେଶକ ଏବଂ କାର୍ଡ କମ୍ପାନୀଗୁଡ଼ିକର ସ୍ୱାର୍ଥ ପୂରଣ କରେ । ସାମ୍ପ୍ରତିକ ସଂଶୋଧନ ବିଦେଶୀ ପୋର୍ଟଫୋଲିଓ ନିବେଶକମାନଙ୍କୁ ଟିକସ ଛାଡ଼ ମଧ୍ୟ ପ୍ରଦାନ କରେ, ଯାହା ଆମେରିକା ଏବଂ ୟୁରୋପକୁ ଲାଭ ପହଞ୍ଚାଏ । ଏହା ସୂଚିତ କରେ ଯେ ଭାରତ ବିଶ୍ୱ ନିବେଶକଙ୍କ ପାଇଁ ଏହାର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ଖୋଲି ଦେଉଛି । ଜନସାଧାରଣଙ୍କ ପାଇଁ, ଏହାର ଅର୍ଥ ହେବ ଛୋଟ ବ୍ୟବସାୟୀଙ୍କ ପାଇଁ ଖର୍ଚ୍ଚ ବୃଦ୍ଧି । ସେମାନେ ଏହି ଅତିରିକ୍ତ ଖର୍ଚ୍ଚ ଗ୍ରାହକଙ୍କ ଉପରେ ପହଂଚାଇବେ, ଯାହା ଫଳରେ ମୂଲ୍ୟ ଅଧିକ ହେବ । ଧୀରେ ଧୀରେ, ଟଚଓର ଆକର୍ଷଣ ହ୍ରାସ ପାଇବ, ଏବଂ ଲୋକମାନେ କାର୍ଡକୁ ଫେରିବେ । ଏହା ଏକ ପରିସ୍ଥିତି ହେବ ଯାହା ଯୁକ୍ତରାଷ୍ଟ୍ରକୁ ଲାଭ ଦେବ ।

ଏହି ସମ୍ପୂର୍ଣ୍ଣ ପରିସ୍ଥିତିରେ, ସରକାର ଜନସାଧାରଣଙ୍କୁ ଏହି ପରିବର୍ତ୍ତନ କାହିଁକି କରାଯାଉଛି ତାହା କହୁନାହାଁନ୍ତି । ବାହ୍ୟ ଦୃଷ୍ଟିରୁ ଏହାକୁ ‘ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା’ ବୋଲି କୁହାଯାଉଛି, କିନ୍ତୁ ମୂଳ ସତ୍ୟ ହେଉଛି ଯେ ଏହି ନୀତି ବିଶ୍ୱ ଚାପ ଏବଂ ବିଦେଶୀ କମ୍ପାନୀଗୁଡ଼ିକର ସ୍ୱାର୍ଥକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଉଛି ।

ୟୁପିଆଇ ଭାରତର ନିଜସ୍ୱ ଡିଜିଟାଲ ବିପ୍ଳବ ଥିଲା, ଯାହା ସାଧାରଣ ଲୋକଙ୍କୁ ଶୁଳ୍କ ବିନା କାରବାର କରିବାର ସ୍ୱାଧୀନତା ଦେଇଥିଲା । ଯଦି ଏହା ଉପରେ ଟିକସ ଲଗାଯାଏ, ତେବେ ଏହି ସ୍ୱାଧୀନତା ଧୀରେ ଧୀରେ କ୍ଷୁଣ୍ଣ ହେବ । ଏହା କେବଳ ଏକ ଆର୍ଥିକ ପ୍ରସଙ୍ଗ ନୁହେଁ, ବରଂ ଭାରତର ଡିଜିଟାଲ ସାର୍ବଭୌମତ୍ୱର ମଧ୍ୟ ଏକ ପ୍ରଶ୍ନ । ଯଦି ଭାରତ ଆମେରିକା ଭଳି ଦେଶଗୁଡ଼ିକର ଚାପରେ ଏହାର ନୀତି ପରିବର୍ତ୍ତନ କରେ, ତେବେ ଏହା ଭବିଷ୍ୟତରେ ଆମର ଆତ୍ମନିର୍ଭରଶୀଳତାକୁ ଦୁର୍ବଳ କରିବ । ତେଣୁ, ଜନସାଧାରଣ ଏହି ପରିବର୍ତ୍ତନକୁ ବୁଝି ସରକାରଙ୍କୁ ପ୍ରଶ୍ନ କରିବା ଅତ୍ୟନ୍ତ ଜରୁରୀ । ଟିକସ ବୋଝ ଶେଷରେ ସାଧାରଣ ଲୋକଙ୍କ ଉପରେ ପଡ଼ିବ, ବ୍ୟବସାୟୀମାନଙ୍କ ମାଧ୍ୟମରେ ହେଉ କିମ୍ବା ବର୍ଦ୍ଧିତ ସାମଗ୍ରୀ ମୂଲ୍ୟ ଆକାରରେ । ସରକାର ସ୍ପଷ୍ଟ କରିବା ଉଚିତ ଯେ ଏହା ପ୍ରକୃତରେ ଜନହିତରେ କାର୍ଯ୍ୟ କରୁଛି କି ବିଦେଶୀ କମ୍ପାନୀଗୁଡ଼ିକର ଚାପରେ ।

ୟୁପିଆଇ ଉପରେ କର ଲଗାଇବାର ସମ୍ଭାବନାକୁ କେବଳ ଆର୍ଥିକ ନୀତିର ପରିବର୍ତ୍ତନ ଭାବରେ ଦେଖିଲେ ଏହାର ଗଭୀରତାକୁ ବୁଝିବା ଯାଏନାହିଁ । ଏହା ଭାରତର ଡିଜିଟାଲ ସ୍ୱାଧୀନତା, ଆତ୍ମନିର୍ଭରତା ଏବଂ ବିଶ୍ୱ ଚାପର ମଧ୍ୟରେ ଏକ ଦ୍ୱନ୍ଦ୍ୱର ପ୍ରତିକ । ଟଚଓ ଆରମ୍ଭରୁ ମାଗଣା ସେବା ଭାବରେ ପ୍ରଚାରିତ ହୋଇଥିଲା, ଯାହା ଲୋକଙ୍କୁ କାର୍ଡ ନେଟୱର୍କରୁ ମୁକ୍ତ କରିଥିଲା । ଭିସା ଓ ମାଷ୍ଟରକାର୍ଡ ପରି ଆମେରିକୀୟ କମ୍ପାନୀଗୁଡ଼ିକର ଲାଭ କମିଥିଲା, କାରଣ ଲୋକ ୟୁପିଆଇ ଦ୍ୱାରା ସହଜରେ ଲେନଦେନ କରୁଥିଲେ । ଏବେ ଯଦି ଏମ୍‌ଡିଆର୍ ପରି କର ବ୍ୟବସ୍ଥା ୟୁପିଆଇ ଉପରେ ଆସେ, ତେବେ ବ୍ୟାପାରୀମାନେ ଅଧିକ ଖର୍ଚ୍ଚ ବୋହିବେ ଏବଂ ସେହି ଖର୍ଚ୍ଚ ଅବଶ୍ୟେ ଗ୍ରାହକଙ୍କୁ ପଡିବ । ଏହା ଟଚଓର ଆକର୍ଷଣକୁ କମାଇଦେବ ଏବଂ କାର୍ଡ ବ୍ୟବହାର ପୁନର୍ଜୀବିତ ହେବ । ଏହି ପରିସ୍ଥିତିରେ ଆମେରିକାର କମ୍ପାନୀଗୁଡ଼ିକୁ ସିଧାସଳଖ ଲାଭ ମିଳିବ ।

ସରକାର ଏହାକୁ “ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବ” ବୋଲି କହୁଛନ୍ତି, କିନ୍ତୁ ଭିତରର କାହାଣୀ ଅନ୍ୟ । ଏହା ବିଦେଶୀ କମ୍ପାନୀମାନଙ୍କର ହିତକୁ ସୁରକ୍ଷା କରିବାର ଉପାୟ । ଯଦି ଜନସାଧାରଣ ଏହି ଦ୍ୱନ୍ଦ୍ୱକୁ ବୁଝିନଥାନ୍ତି, ତେବେ ସେମାନଙ୍କର ଅଧିକାର ଓ ସ୍ୱାଧୀନତା ହାତଛାଡ଼ ହେବ । ତେଣୁ ୟୁପିଆଇ ଉପରେ କର ଲଗାଇବାର ପ୍ରସଙ୍ଗ କେବଳ ଆର୍ଥିକ ନୀତିର ପରିବର୍ତ୍ତନ ନୁହେଁ, ଏହା ଭାରତର ଡିଜିଟାଲ ସ୍ୱାଧୀନତାକୁ ବିଶ୍ୱ ଚାପରୁ ସୁରକ୍ଷା କରିବାର ଏକ ପରୀକ୍ଷା ।


ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮


# ଆମେ କେତେ ସ୍ୱାଧୀନ ?

### କାଳୀ ଦାସ

ବିଭିନ୍ନ ସ୍ଥାନରେ ଦେଶର ୮୦ ତମ ସ୍ୱାଧୀନତା ଦିବସ ପାଇଁ ହର ଘର ତ୍ରିରଙ୍ଗାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହା ଭିତରେ ଭାରତର ରାଜନୀତି ଏବଂ ସାମାଜିକ ସ୍ତରରେ ଏକ ନୂଆ ଆନ୍ଦୋଳନର ବିଜୟ ରୋପଣ ହୋଇଛି । ଯୁବ ସମାଜ ଭାରତର ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛନ୍ତି ।ବର୍ତ୍ତମାନର ଶାସକ ଗୋଷ୍ଠୀ ଓ ବିରୋଧୀ ଜେନ-ଜିଙ୍କର ବିଶ୍ୱାସଭାଜନ ହେବା ପାଇଁ ଚେଷ୍ଟାରତ ଥିବା ଲକ୍ଷ୍ୟ କରାଯାଉଛି ।

ଆଜିର ସାମାଜିକ ବ୍ୟବସ୍ଥା,ରାଜନୈତିକ ବ୍ୟବସ୍ଥା ଓ ଅର୍ଥନୈତିକ ବ୍ୟବସ୍ଥା ଯାହା ରହିଛି ତାହା କ’ଣ ଆମ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ଥିଲା ?ଏମିତି ଏକ ଭାରତର ସ୍ୱପ୍ନ ନେଇ ସେମାନେ କ’ଣ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ।ଆମର ସ୍ୱାଧୀନତା ସଂଗ୍ରାମୀ ମାନେ ଭାରତକୁ ଏମିତି ଦେଖିବାକୁ ଚାହିଁଥିଲେ ? ଦେଶପାଇଁ ବଳିଦାନ ଦେବା ପାଇଁ ଯେଉଁ ଅଦ୍ଭୁତ ନିଶା ସେମାନଙ୍କ ଭିତରେ ଥିଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସ୍ୱାର୍ଥର ପାହାଡ ଉପରେ ବସଛନ୍ତି ଯେଉଁମାନେ ଏ ବଳିଦାନକୁ ବୁଝିପାରିବେ ନାହିଁ । ଆଜି ଆମର ଗାଁ ଗୁଡିକ ସହର ଅଭିମୁଖୀ ହୋଇଯାଇଛନ୍ତି । ଚାଷ ଜମିଗୁଡିକ ଧୀରେ ଧୀରେ କଂକ୍ରିଟର ଜଙ୍ଗଲ ହୋଇଗଲେଣି,ଆମ ପାଣି ପବନ ଓ ମାଟି ସବୁକିଛି ବିଷାକ୍ତ ହୋଇଗଲାଣି ।ଆମର ଶିକ୍ଷା ପଦ୍ଧତି ଆମକୁ ରୋଜଗାରକ୍ଷମ କରିବା ଠାରୁ ବେଶି ବେରୋଜଗାର କରୁଛି । ଯୌଥ ପରିବାରର ଆକର୍ଷଣ ଆଉ ନାହିଁ । ଗାଁର ଭାଗବତ ଟୁଙ୍ଗି ଭାଙ୍ଗିଗଲାଣି ।ଆମେ ସବୁ ଯେମିତି ଯନ୍ତ୍ରଚାଳିତ ମଣିଷ ହୋଇଯାଇଛୁ ।

ଆମର ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ନାୟକ ଥିଲେ ମହାତ୍ମା ଗାନ୍ଧୀ । ଗାନ୍ଧୀଙ୍କ ଡାକରାରେ ଶହ ଶହ ଦେଶ ଭକ୍ତ ଆଗେଇ ଆସିଥିଲେ ।ଅହିଂସାର ପୂଜାରୀର ଆହ୍ୱାନରେ ଆଗେଇ ଆସିଥିବା ଦେଶପ୍ରେମୀଙ୍କୁ ହିଂସାର ଚାବୁକ ଖାଇବାକୁ ପଡିଥିଲା,ଅନେକ ସ୍ୱାଧୀନତା ସଂଗ୍ରାମୀ ଗୁଳିମାଡ ବି ଖାଇଛନ୍ତି । ଆମେ ଶୁଣିଛୁ ସ୍ୱାଧୀନତା ସଂଗ୍ରାମୀମାନେ ହସି ହସି ଫାଶୀ ଖୁଣ୍ଟରେ ଚଢିଯାଉଥିଲେ । ସେମାନଙ୍କ ତ୍ୟାଗ ଓ ବଳିଦାନ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ଗାନ୍ଧୀ କହିଥିଲେ ଯେଉଁ ଦିନ ଜଣେ ଏକୁଟିଆ ମହିଳା ରାତି ଅଧରେ ଏକୁଟିଆ ଯିବା ପାଇଁ ଡରିବ ନାହିଁ ସେହିଦିନ ଆମେ ଭାବିବା ଯେ ଆମେ ପ୍ରକୃତରେ ସ୍ୱାଧୀନ ହୋଇଛେ । ମାହାତ୍ମାଙ୍କ ସେହି ସ୍ୱପ୍ନ ଠାରୁ କେତେ ଦୂରରେ ଆମେ ଆଜି ଠିଆ ହୋଇଛେ । ଆମ ଦେଶରେ ଆଜି ଦିନ ଦ୍ୱିପହରରେ ଭିଡ ଭିତରେ ବି ମହିଳା ସୁରକ୍ଷିତ ନୁହନ୍ତି ।

୨୦୦ ବର୍ଷ ଧରି ଇଂରାଜୀ ଆମକୁ ଶାସନ କରି ଚାଲିଲେ,ଯେତେବେଳେ ଇଂରାଜୀ ସରକାର ଏହି ଦେଶକୁ ଆସିଥିଲେ ସେତେବେଳେ ଭାରତକୁ ‘ସୋନେ କି ଚିଡିଆ’କୁହାଯାଉଥିଲା । ଭାରତର ସଂସ୍କୃତି ଓ ସମ୍ପଦ ଅନେକ ବିଦେଶୀଙ୍କୁ ଆକର୍ଷିତ କରିଥିଲା ।ଇଂରାଜୀମାନେ ଯେତେବେଳେ ଆମ ଦେଶକୁ ଛାଡିଗଲେ ଆମେ ସ୍ୱାଧୀନତା ତ ପାଇଲୁ । କିନ୍ତୁ ବିଶ୍ୱର ଆଖିରେ ଗୋଟିଏ ଗରିବ ଦେଶ ହୋଇ ଠିଆହେଲୁ ।ଦୁଇ ଦୁଇଟି ବିଶ୍ୱ ଯୁଦ୍ଧ ପରେ ପୃଥିବୀ କ୍ଷତାକ୍ତ ଥିଲା । ଆମ ଦେଶକୁ ଏହି ବିଶ୍ୱ ଯୁଦ୍ଧ ଦୁଇଟି ବହୁତ ପ୍ରଭାବିତ କରିଛନ୍ତି । ଗାନ୍ଧୀଙ୍କ ମତରେ ଆମର ସ୍ୱାଧୀନତା ସଂଗ୍ରାମ କ୍ଷମତା ପାଇବା ପାଇଁ ହୋଇନଥିଲା ବରଂ ଅହିଂସା ମାର୍ଗରେ ଯାଇ ବିଦେଶୀ ଶାସକଙ୍କ ଠାରୁ ନିଜ ଦେଶକୁ ସ୍ୱାଧୀନ କରିବା ପାଇଁ ହୋଇଥିଲା । ଏମିତି ଅନେକ ନେତା ନିଜ ନିଜର ଚିନ୍ତାଧାରା ଧରି ସ୍ୱାଧୀନତା ସଂଗ୍ରାମରେ ନିୟୋଜିତ ହୋଇଥିଲେ ।ସମସ୍ତଙ୍କର କିନ୍ତୁ ଗୋଟିଏ ଉଦ୍ଦେଶ୍ୟ ଥିଲା ତାହାହୋଇଛି ସ୍ୱାଧୀନତା ।ମହାରାଷ୍ଟ୍ରର ମାଟିରେ ଲୋକମାନ୍ୟ ତିଲକ ପରି ପ୍ରତିଭା ଜନ୍ମ ନେଇଥିଲା, ଗାନ୍ଧୀଙ୍କ ମତରେ ସିଏ ଥିଲେ “ଆଧୁନିକ ଭାରତର ନିର୍ମାତା” । ସ୍ୱାଧୀନତାର ଆନନ୍ଦ କିନ୍ତୁ ଆମ ନେତାମାନଙ୍କ ଭାଗ୍ୟରେ ନ ଥିଲା । ଦେଶର ବିଭାଜନ ତା ସହିତ ନରସଂହାରର ବିକରାଳ ଦୃଶ୍ୟ ସେମାନଙ୍କ ହୃଦୟକୁ ଗଭୀର ଦୁଃଖ ପହଞ୍ଚାଇଥିଲା ।ଏବେ ଆମେ କେତେ ସ୍ୱାଧୀନ ସେନେଇ ସମୀକ୍ଷା କରିବାର ଆବଶ୍ୟକତା ରହିଛି ।


ବ୍ରହ୍ମପୁର, କଳିଙ୍ଗନଗର, ମୋ -୭୨୦୫୧୦୦୮୩୯.


# ଏନ୍‌ଜିଓମାନଙ୍କୁ ନିୟନ୍ତ୍ରଣ କରେ କିଏ ?

### ମହାମେଘବାହନ ଐର ଖାରବେଳ ସ୍ୱାଇଁ

“ କିନ୍ତୁ ଅନେକ ସମୟରେ ଅର୍ଥ ଆଣିବାର ସମୟଟି ଠିକ୍ ନ ଥାଏ । ସରକାର ବର୍ତ୍ତମାନ ଚାହୁଁଛନ୍ତି ଏହି ବିଦେଶୀ ପାଣ୍ଠିକୁ କେମିତି ରୋକାଯିବ ଏବଂ ସେଥିରେ ନୈତିକତା ପ୍ରଶ୍ନ ଉଠାଯିବ ଏବଂ ସେଥିପାଇଁ ଗୋଟିଏ ସ୍ଥିର ମାନକ ନିର୍ଣ୍ଣୟ କରାଯିବ ଏବଂ ସେମାନଙ୍କୁ କିଏ ନିଯୁକ୍ତି କରିଛି ସେ ବିଷୟରେ ଦେଖାଯିବ ଏବଂ ବାସ୍ତବରେ ସେ ସଂସ୍ଥାଗୁଡ଼ିକ ନାର୍ଯ୍ୟ ଅଟନ୍ତି କି ନୁହେଁ ସେ କଥା ଦେଖାଯିବ ।

ଯେଉଁ କ୍ଷମତାକୁ ନିୟନ୍ତ୍ରଣ କରିହେବନାହିଁ ତାକୁ କ୍ଷମତା ସବୁବେଳେ ସନ୍ଦେହ କରେ । ସରକାରମାନେ ବ୍ୟାଲେଟ୍ ପେପର୍‌ରୁ ସେମାନଙ୍କର କର୍ତ୍ତୃତ୍ୱ ଆହରଣ କରନ୍ତି । ତଥାପି ସେମାନେ କେବେହେଲେ ଏତେ ଆନନ୍ଦ ହୁଅନ୍ତି ନାହିଁ ଯେ ସେଗୁଡ଼ିକ ଅମଲାତନ୍ତ୍ରୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ, ଯାହାକି ରାଜ୍ୟକୁ ନିୟନ୍ତ୍ରିତ କରେ । ସେମାନେ ଏହା ବ୍ୟତୀତ ପୂର୍ଣ୍ଣ ନୁହନ୍ତି ଏବଂ ସେମାନଙ୍କର ଉଦ୍ଦେଶ୍ୟ ହେଉଛି ଅରାଜି ହେଉଥିବା ଲୋକମାନଙ୍କୁ ବୁଝେଇବା, ସେମାନଙ୍କୁ ଦଣ୍ଡ ଦେବା ନୁହେଁ । ଯେଉଁଠି ସୀମା ରହିଛି ଏବଂ ଯେଉଁଠି ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ଦୂର ହୋଇଛି ସେତେବେଳେ ଏହି ଲକ୍ଷ୍ୟ ରାଜନୈତିକ ପରିଚ୍ଛୟକୁ ଦୂରେଇ ଦିଏ ଓ ସନ୍ଦେହ ସୃଷ୍ଟି ହୁଏ ଏବଂ ଏହା କିଛି ବୁଝିହୁଏନା । ଯେତେବେଳେ ନିଜର ଆଶା ପୂରଣ ନ ହୁଏ ସେତେବେଳେ ହତାଶା ସୃଷ୍ଟି ହୁଏ । ଭାରତ ଏହା ଦେଖି ଅସ୍ୱାଭାବିକ ଭାବରେ ଚିନ୍ତା କରୁଛି ଯେ ନିର୍ବାଚିତ ସରକାର ଏବଂ ଅଣସରକାରୀ ସଂଗଠନ ବା ଏନ୍‌ଜିଓମାନଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି ହୁଏ । ଏହି ଅଣସରକାରୀ ସଂଗଠନମାନଙ୍କୁ ତୃତୀୟ ପକ୍ଷ ବୋଲି କୁହାଯାଏ । ଏହି ଦୁଇ ପକ୍ଷ ଭିତରେ ଯଥାଶୀଘ୍ର ସଂଘର୍ଷ ଏବେ ସମାପ୍ତ ହେବା କଥା, କାରଣ ବିଜେପି ସରକାର ପ୍ରସ୍ତାବ କରିଥିଲେ ଯେ, ଫରେନ୍ କଣ୍ଟ୍ରିବୁସନ୍ ରେଗୁଲେସନ୍ ଆକ୍ଟ ସଂଶୋଧନ ଆଇନକୁ ପ୍ରଣୟନ କରାଗଲା । ବିଜେପି ଏବଂ ସଂଘ ପରିବାର ଏନ୍‌ଜିଓମାନଙ୍କର ପ୍ରତିଷ୍ଠାନକୁ ସବୁକାଳରେ ପଶ୍ଚିମ ସଂସ୍କୃତିର ବାହକ ବୋଲି ଭାବି ଆସିଛନ୍ତି ଏବଂ ଏମାନେ ଭାରତୀୟ ସଭ୍ୟତାକୁ ଠିକ୍ ଭାବରେ ବୁଝିନାହାନ୍ତି ବୋଲି କୁହାଯାଉଛି । ଭାରତର ସଭ୍ୟତାଗତ ପ୍ରତୀକକୁ ଏମାନେ ବୁଝିନାହାନ୍ତି ।

ନିକଟ ଅତୀତରେ ବିଜେପି ନେତା ଅଭିଯୋଗ କରିଥିଲେ ଯେ, ବିଦେଶୀ ଅର୍ଥପ୍ରାପ୍ତ ସଂଗଠନଗୁଡ଼ିକ ଯୁବ ପ୍ରତିବାଦ ଜେନ୍ ଜେଡ୍ କ୍ଷେତ୍ରରେ ବିଦେଶୀ ଅର୍ଥ ଲଗାଣ ହୋଇଥିଲା ଏବଂ ବର୍ତ୍ତମାନର ଯେଉଁ ଯେଉଁ ଆଇନ୍ କରାଯାଇଛି ତାହା ସେଥିପାଇଁ ଗୋଟିଏ ଅସ୍ତ୍ର ହିସାବରେ ବ୍ୟବହାର କରାଯାଉଛି, ଯାହାକି ବିଦେଶୀ ଅର୍ଥ କିପରି ଭାରତରେ ଲଗାଣ ହୋଇନପାରିବ ସେଥିପାଇଁ କାର୍ଯ୍ୟ କରାଯିବ ଏବଂ ଏହି ଏନ୍‌ଜିଓମାନେ କେମିତି କାମ କରୁଛନ୍ତି ତାହାକୁ ତନଖି କରି ଦେଖାଯିବ । ତେଣୁ ଯେଉଁ ସଂଗଠନମାନେ ଭାରତର ବିରୋଧରେ କାମ କରୁଛନ୍ତି ବୋଲି ଧାରଣା ହେବ ସେମାନଙ୍କୁ ଏଥିରେ ତନଖି କରାଯିବ । କାରଣ ଯୁବପିଢ଼ି ଯେଉଁ ଆନ୍ଦୋଳନ ହୋଇଗଲା ସେଥିରେ ଗୋଟେ ବଡ଼ ଭୂମିକା ଗ୍ରହଣ କରିଥିଲା । ଦେଶ ଅପେକ୍ଷା ବିଜେପିର ନେତାମାନେ ନିକଟରେ ଅଭିଯୋଗ କଲେ ଯେ, ବିଦେଶରୁ ଅର୍ଥ ପାଉଥିବା ସଂଗଠନମାନେ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ବର୍ତ୍ତମାନ ଆଗତ ହୋଇଥିବା ଆଇନକୁ ଗୃହୀତ କରିବା ପାଇଁ ଏହାକୁ ଏକ ଅସ୍ତ୍ର ହିସାବରେ ବାହାରେ ପରିଦୃଶ୍ୟ କରାଯାଉଛି, ଯାହାକୁ ବିଦେଶ ଅର୍ଥ ଦ୍ୱାରା ପ୍ରତିବାଦ ବୋଲି କୁହାଯାଉଛି । ବର୍ତ୍ତମାନ ଯେଉଁ ଆଇନ ଲାଗୁ କରାଯିବ ତାହା ରାଷ୍ଟ୍ର ଶକ୍ତିର ଅସ୍ତ୍ର ବୋଲି ଚିନ୍ତା କରାଯାଉଛି ଏବଂ ସେମାନଙ୍କୁ ଅର୍ଥ କିପରି ବିଦେଶରୁ ଆସୁଛି ସେ ବିଷୟରେ ସ୍ୱଚ୍ଛତା ଆଣିବା ପାଇଁ କୁହାଯାଇଛି ।

ଦେଶର ବିରୋଧୀ ଦଳ ଏହାକୁ ଗୋଟିଏ ପ୍ରୟାସ ରୂପେ ଭାବୁଛନ୍ତି ଯାହାକି ଯେଉଁ ଅନୁଷ୍ଠାନମାନ ସରକାରଙ୍କୁ ସମାଲୋଚନା କରିବେ ତା’ର ତଣ୍ଟି ଚିପିଦେବାକୁ ଏହି ଆଇନ୍‌ରେ ବ୍ୟବସ୍ଥା ଅଛି । ସଂଖ୍ୟାଲଘୁ ଗୋଷ୍ଠୀମାନେ ବିଶେଷ କରି ଖ୍ରୀଷ୍ଟିଆନ ବିରୋଧୀମାନେ ଭୟ କରୁଛନ୍ତି ଯେ ସେମାନଙ୍କର ଦାତବ୍ୟ ସଂସ୍ଥାଗୁଡ଼ିକ ଅଧିକରୁ ଅଧିକ କଠୋର ଆଇନ୍ ଦ୍ୱାରା ବନ୍ଧା ହୋଇ ରହିବେ । ବର୍ତ୍ତମାନର ସରକାର ତାଙ୍କୁ ଏହି ଅସୁବିଧାରେ ପକେଇବ ବୋଲି ସେ ଭାବୁଛନ୍ତି । ଭାରତ ସମ୍ଭବତଃ ପୃଥିବୀର ସର୍ବବୃହତ ଏନ୍‌ଜିଓମାନଙ୍କର ଦେଶ ବୋଲି କୁହାଯାଏ । ଏ ସମ୍ପର୍କରେ ଯେଉଁ ଅଧ୍ୟୟନ କରାଯାଇଛି ସେଥିରେ ଭାରତରେ ୨୦୦୯ରେ ୩୩ ଲକ୍ଷ ଏନ୍‌ଜିଓ ଅଛନ୍ତି ବୋଲି କୁହାଯାଏ । ଏହାର ଅର୍ଥ ହେଉଛି ପ୍ରତ୍ୟେକ ୪୦୦ ଭାରତୀୟଙ୍କ ପାଇଁ ଗୋଟିଏ ଏନ୍‌ଜିଓ ଅଛି । ଏହି ଧରଣର ସଂଖ୍ୟା ହୁଏତ ପୁରୁଣା । ଏଥିପାଇଁ ରାଷ୍ଟ୍ରୀୟ ସ୍ତରରେ ଏହାର ତୁଳନା କରିବା କଷ୍ଟକର । ଏନ୍‌ଜିଓମାନଙ୍କୁ ଅଲଗା ଭାବରେ ଗଣିହେବା ସମ୍ଭବ ନୁହେଁ । ତଥାପି ସେ ଧରଣର ଏନ୍‌ଜିଓମାନଙ୍କୁ ଅଲଗା ଅଲଗା କରି ଦେଖାଯାଇପାରେ । ତଥାପି ମଧ୍ୟ ଐତିହାସିକ ହିସାବ ଅନୁସାରେ ଅସାଧାରଣ ସଂଖ୍ୟକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବା ଏନ୍‌ଜିଓ ଭାରତରେ ଅଛନ୍ତି । ଭାରତୀୟ ଅର୍ଥନୈତିକ ବ୍ୟବସ୍ଥା ଭିତରେ ମଧ୍ୟ କେତେକ ଆର୍ଥିକ ସଂଗଠନ ବିଦେଶୀ ସଂଗଠନ ଜାଲରେ ପଡ଼ିଛନ୍ତି । ସରକାରୀ ସଂଖ୍ୟା ଅନୁସାରେ ୧୩,୫୨୦ ସଂଗଠନମାନେ ଏନ୍‌ଜିଓ ସ୍ତରରେ ପଞ୍ଜୀକୃତ ହୋଇଛନ୍ତି, ଯେଉଁମାନେ କି ବିଦେଶରୁ ୫୫,୭୪୮ କୋଟି ଟଙ୍କା ଦାନ ରୂପେ ୨୦୧୯ରୁ ୨୦୨୫ ମଧ୍ୟରେ ପାଇଛନ୍ତି । ଏଫ୍‌ସିଆର୍‌ଏ (ଫରେନ୍ ସର୍ଭିସ୍ କଣ୍ଟ୍ରିବୁସନ ଆକ୍ଟ) ପୋର୍ଟାଲରେ ଦେଖାଏ ଯେ ୧୪,୪୪୯ ସକ୍ରିୟ ପ୍ରମାଣପତ୍ର ଜୁଲାଇ ୧୫ ସୁଦ୍ଧା ଗଢ଼ା ଯାଇଛି । ଅର୍ଥ ଦକ୍ଷତା ସୃଷ୍ଟି କରିଥାଏ । ଏହିସବୁ ଏନ୍‌ଜିଓମାନେ ବିଭିନ୍ନ ସାଂସ୍କୃତିକ, ଧାର୍ମିକ, ସାମାଜିକ ଏବଂ ଆଦର୍ଶଗତ ସଂସ୍ଥା ଦ୍ୱାରା ପରିଚାଳିତ । ସେମାନଙ୍କର ମାଲିକାନାରେ କୌଣସି ସ୍ଥିରତା ନାହିଁ । ସେମାନଙ୍କର ଲକ୍ଷ୍ୟରେ ମଧ ଏବଂ କିପରି କାର୍ଯ୍ୟ କରୁଛନ୍ତି ସେ ବିଷୟରେ କୌଣସି ସ୍ଥିରତା ନାହିଁ । ଏହା ଫଳରେ ସ୍ୱଚ୍ଛତା ଏମାନଙ୍କ ପାଖରେ ଆବଶ୍ୟକତା ନାହିଁ ବୋଲି କୁହାଯାଏ । କିନ୍ତୁ ଏହା ହେଉଛି ଏକ ନିଶ୍ଚିତ କଥା । ଏ ସମ୍ପର୍କରେ ଅଧିକ ଗୁରୁତର ପ୍ରଶ୍ନ ହେଉଛି ଏହି ଏନ୍‌ଜିଓମାନଙ୍କର ଗୋପନୀୟତା ଯେ ଏ ସଂସ୍ଥା କିପରି କାମ କରୁଛି ତାହା କାହାକୁ ଜଣାନାହିଁ । କିଏ ଏହି ସଂସ୍ଥାକୁ ନିୟନ୍ତ୍ରଣ କରେ ସେକଥା କେହି ଜାଣିନାହାନ୍ତି । ଏବେ ସରକାର ଏହାକୁ ନିୟନ୍ତ୍ରଣ କରିବାକୁ ଚାହାନ୍ତି । ସରକାର ଏହି ସଂସ୍ଥାମାନଙ୍କୁ ନିୟନ୍ତ୍ରିତ କରିବା ପୂର୍ବରୁ ବିଦେଶୀ ଦାତାମାନେ ଏହାକୁ କେବଳ ପରିଚାଳନା କରୁଛନ୍ତି ସେତକ ନୁହେଁ ଏହି ପରିଚାଳନାରେ ଗୋଟେ ଆଦର୍ଶଗତ ଶୂନ୍ୟତା ରହିଛି । ବିଭିନ୍ନ ପ୍ରତିଷ୍ଠାନ, ଧର୍ମୀୟ ସଂସ୍ଥା, ଦାତବ୍ୟ ପ୍ରତିଷ୍ଠାନ ଏବଂ ଆନ୍ତର୍ଜାତିକ ସଂସ୍ଥା ସମସ୍ତଙ୍କର ଅଲଗା ଅଲଗା ଏନ୍‌ଜିଓ ରହିଛି, ଯେଉଁଥିରେ ପ୍ରାଥମିକତା ଏବଂ କାହାକୁ ଆଗେ କ’ଣ ଦିଆଯିବ ଏଥିପାଇଁ ଦାୟିତ୍ୱ ଅଲଗା ଅଲଗା ଭାବରେ ରହିଛି । ପୁରୁଣା ଆଇନ୍ ଯେ ଏହାର ମାଲିକାନା କିଏ ସେ କଥା ବୁଝାଯିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଏ ସଂସ୍ଥାମାନଙ୍କ ପାଖରୁ ଯେଉଁମାନେ କିଛି ଲାଭ ପାଉଛନ୍ତି ସେମାନେ ଏକ ସମର୍ଥନ ଚାହାନ୍ତି । ଯେତେବେଳେ ଲାଭ ପାଉଥିବା ସଂସ୍ଥାମାନେ କିପରି ସେହି ଲାଭ ପାଇବେ ସେଥିପାଇଁ ଚେଷ୍ଟା ଚଳାଇଥାନ୍ତି । ଏଥିପାଇଁ ଯିଏ ଅର୍ଥ ଦିଏ ସେ ଗୋଟିଏ ବ୍ୟକ୍ତି ହୋଇପାରେ ଯିଏ ପ୍ରଥମେ ଆହ୍ୱାନଟି ଦିଏ ଅର୍ଥ ଆଣିବା ପାଇଁ ଏବଂ ତାହା ପରେ ଅନ୍ୟମାନେ ଧାଡ଼ି ଛୁଟାନ୍ତି । କିନ୍ତୁ ଅନେକ ସମୟରେ ଅର୍ଥ ଆଣିବାର ସମୟଟି ଠିକ୍ ନ ଥାଏ । ସରକାର ବର୍ତ୍ତମାନ ଚାହୁଁଛନ୍ତି ଏହି ବିଦେଶୀ ପାଣ୍ଠିକୁ କେମିତି ରୋକାଯିବ ଏବଂ ସେଥିରେ ନୈତିକତା ପ୍ରଶ୍ନ ଉଠାଯିବ ଏବଂ ସେଥିପାଇଁ ଗୋଟିଏ ସ୍ଥିର ମାନକ ନିର୍ଣ୍ଣୟ କରାଯିବ ଏବଂ ସେମାନଙ୍କୁ କିଏ ନିଯୁକ୍ତି କରିଛି ସେ ବିଷୟରେ ଦେଖାଯିବ ଏବଂ ବାସ୍ତବରେ ସେ ସଂସ୍ଥାଗୁଡ଼ିକ ନାର୍ଯ୍ୟ ଅଟନ୍ତି କି ନୁହେଁ ସେ କଥା ଦେଖାଯିବ । ଏ ସଂସ୍ଥାମାନେ ବାସ୍ତବରେ ସ୍ୱାଧୀନ କି ନୁହଁନ୍ତି ଓ କେତେକ ରାଜନୈତିକ ପରିବାରଙ୍କ ଦ୍ୱାରା ପ୍ରଭାବିତ କି ନୁହଁନ୍ତି ବା କୌଣସି ଆଦର୍ଶଗତ ପୃଷ୍ଠଭୂମିରୁ ସେମାନେ ଆସିଛନ୍ତି କି ନାହିଁ, ସେମାନଙ୍କ ପଛରେ କୌଣସି ଧର୍ମୀୟ ପ୍ରତିଷ୍ଠାନ ଅଛି କି ନାହିଁ ବା କିଛି କ୍ଷମତା ସମ୍ପନ୍ନ ବ୍ୟକ୍ତି ତାଙ୍କ ପଛରେ ଅଛନ୍ତି କି ନାହିଁ ସେ ପ୍ରଶ୍ନ ଉଠିଛି । ଯେତେବେଳେ ଗୋଟିଏ ଏନ୍‌ଜିଓ ପ୍ରଚାର କରେ ଯେ ସେ ସରକାରୀ ନୀତି ବିରୋଧରେ ଆନ୍ଦୋଳନ କରୁଛି ସେତେବେଳେ ସେହି ଆନ୍ଦୋଳନ ଚଳାଇବା ପାଇଁ ଅର୍ଥ କିଏ ଦେଇଥାଏ । ଏଗୁଡ଼ିକ ହେଉଛି ପ୍ରଶ୍ନ ଯାହାର ଉତ୍ତର ମିଳିବାର ଆବଶ୍ୟକତା ଅଛି । ବିଜେପି ଏବଂ ଆର୍‌ଏସ୍‌ଏସ୍ ଅନେକ ବର୍ଷ ହେଲା ଯୁକ୍ତି କରିଛନ୍ତି ଯେ, ଅନେକ ଏନ୍‌ଜିଓ ବିଦେଶ ଦ୍ୱାରା ଦିଆଯାଉଥିବା ଅର୍ଥକୁ ପାଆନ୍ତି ଏବଂ ଗୋଟିଏ ଏନ୍‌ଜିଓ ନେଟୱାର୍କ ମଧ୍ୟ ସେମାନଙ୍କୁ ବିଜେପିର ଏହି ଧାରଣା ସହିତ ଖାପ ଖୁଆଇ ପାରୁନାହାନ୍ତି । ଏହି ବିଶ୍ୱାସ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟକ୍ତିଗତ ଭାବରେ କେତେକ ଏନ୍‌ଜିଓଙ୍କୁ ଚିହ୍ନଟ କରିଛନ୍ତି ଏବଂ ତାଙ୍କ ବିରୋଧରେ ଲଗାତାର ଅଭିଯାନ ଚଳାଇଛନ୍ତି ଓ ସେମାନଙ୍କୁ ଅପନିନ୍ଦିତ କରୁଛନ୍ତି ବୋଲି କୁହାଯାଉଛି ।

(ପ୍ରଥମ ଭାଗ)

## ସମିତି କାର୍ଯ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ,(ନିପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ଆଜକୁ ୨୬ବର୍ଷ ଧରି ପଞ୍ଜୀକୃତ ହୋଇ ଭଦ୍ରକ ସମେତ ଅନ୍ୟ ଜିଲ୍ଲାମାନଙ୍କରେ ଶ୍ରୀଜଗନ୍ନାଥଙ୍କ ତଥ୍ୟ, ତତ୍ତ୍ୱ, ଦର୍ଶନ, ଗୁଣ, ଗରିମା ପ୍ରଚାର ପ୍ରସାର କରି ଆସୁଛି । ଏଥିପାଇଁ ଭଦ୍ରକ ସହରାଞ୍ଚଳରେ ସମିତିର ଏକ କାର୍ଯ୍ୟାଳୟ ନିମନ୍ତେ ୨/୪ ଡ଼ିସିମିଲ ଜମି ପ୍ରଦାନ କରିବା ପାଇଁ ଆଜକୁ ୧୦/୧୨ବର୍ଷ ଧରି ଜିଲ୍ଲା ପ୍ରଶାସନକୁ ଆବେଦନ ନିବେଦନ କରି ଆସୁଥିଲେ ହେଁ ତାହା ଅଦ୍ୟାପି ସମ୍ଭବ ହୋଇ ପାରିନାହିଁ । ପୁରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସଂପ୍ରସାରଣ ନିମନ୍ତେ ରାଜ୍ୟ ସରକାରଙ୍କ ରାଜକୋଷରୁ ବ୍ୟୟ କରାଯାଇଥିଲା । ପଶ୍ଚିମବଙ୍ଗ ସରକାର ରାଜ୍ୟ ସରକାରଙ୍କ ରାଜକୋଷରୁ ଦିଘା ଠାରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରାଗଲା । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଶ୍ରୀ ଜଗନ୍ନାଥଙ୍କ ଗୁଣ, ଗରିମା ଓ ମାନବୀୟ ଲୀଳାକୁ ପ୍ରଚାର ପ୍ରସାର କରିବାରେ ଯେଉଁ ସଂସ୍ଥା ଆଗେଇ ଚାଲିଛି ଓ ଉଦ୍ୟମ ଅବ୍ୟାହତ ରଖି ଏକ ସୁସ୍ଥ ସମାଜ ଗଠନ କରାଯିବା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରି ଆସୁଥିବା ଉକ୍ତ ସଂସ୍ଥାର ଏକ କାର୍ଯ୍ୟାଳୟ ନିମନ୍ତେ ୨/୪ ଡ଼ିସିମିଲି ଜମି ଯୋଗାଇ ଦିଆନଯିବା ସମିତିର ସଦସ୍ୟ ସଦସ୍ୟାମାନଙ୍କୁ ବ୍ୟଥିତ କରିଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଦର୍ଶନ କରି ତାହାର ସବୁମନ୍ତେ ଉନ୍ନତି କରିବା ନିମନ୍ତେ ଉଦ୍ୟମ କରି ଆସୁଥିବା ପ୍ରଶଂସନୀୟ ପଦକ୍ଷେପ । ଏସବୁ ଦୃଷ୍ଟିରୁ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଅବଗତି ଓ ଆବଶ୍ୟକ ପଦକ୍ଷେପ ନିମନ୍ତେ ପଠାଇ ଦିଆଯାଇଥିବା ସମିତିର ସଂପାଦକ ସେବକ ପ୍ରକାଶ କରିଛନ୍ତି ।

## 'ଆମର ହକ୍ ପାଇଁ ଆମେ ଲଢେଇ କରିବୁ'

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ରବିବାର ସମ୍ବଲପୁର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ପ୍ରଥମତଃ ସଂଘର ସଭାପତି ଅକ୍ଷୟ ଭୋଇଙ୍କ ଅଧ୍ୟକ୍ଷତାରେ ଆମ୍ବେଦକର ନଗର ସ୍ଥିତ ବି.ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ କରି ଏକ ଭବ୍ୟ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଆଦିବାସୀ ମାନେ ପାରମ୍ପରିକ ବେଶଭୂଷା ନୃତ୍ୟ ଗୀତରେ ଝୁମିଝୁମି ନିଜ ଅଧିକାର ପାଇଁ ବିଭିନ୍ନ ପ୍ରକାରର ପ୍ଲାକ୍ କାର୍ଡ ସହିତ ସ୍ଲୋଗାନ ଦେଇ ଭୀମଭୋଇ ଛକ ପହଞ୍ଚି ସନ୍ଥ କବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ କରି ଶୋଭାଯାତ୍ରାରେ ରଥସାହି ଦେଇ କଲେଜ ଛକ ନିକଟ ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ପହଞ୍ଚି



ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏଥିରେ ସଂଘର ସଭାପତି ମୁଖ୍ୟବକ୍ତା ଭାବରେ ଆଦିବାସୀମାନଙ୍କ ଚାଲି ଚଳନ, ପାରମ୍ପରିକ ପରମ୍ପରା, ଜୀବନ ଶୈଳୀ, ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ସମ୍ବଲପୁର, ରେଢ଼ାଖୋଲ, ଯୁଯୁମୁରା ଓ ନାକଟିଦେଉଳ ଅଞ୍ଚଳରୁ ବହୁ ସଂଖ୍ୟାରେ ଆଦିବାସୀ ସଭ୍ୟସଭ୍ୟାମାନେ ଉପସ୍ଥିତ ରହିଥିଲେ ।

## ସିପିଆଇର ପଦଯାତ୍ରା, ପଥପ୍ରାନ୍ତ ସଭା

ରମ୍ଭା,(ନିପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରମ୍ଭା ଶାଖା ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଗଞ୍ଜାମ ଜୋନାଲ ସମ୍ପାଦକ ଜେ. ଭାସ୍କର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଡବଲ ଇଂଜିନ ସରକାରଙ୍କ ନୀତି -ଗତି -ମତିରେ ଏବେ ଦେଶ ପରିବର୍ତ୍ତନ ଚାହୁଁଚି । ସେଥିପାଇଁ ପ୍ରତ୍ୟେକ ଜନତା ଦେଶର ଉନ୍ନତି ନିମନ୍ତେ ଚିନ୍ତା କରିବାର ବେଳ ଆସିଛି ବୋଲି ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ରମ୍ଭା ଆଖଣ୍ଡଳମଣି ଠାରୁ ସ୍ଥାନୀୟ ଏନ. ଏ. ସି ପର୍ଯ୍ୟନ୍ତ ରାଜପଥ ଉପରେ ଦଳୀୟ ନେତା ସହିତ କର୍ମୀମାନେ ପ୍ଲାକାଡ, ବ୍ୟାନର ସ୍ଲୋଗାନ ଦେଇ ଯାଇଥିଲେ ।

ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ପୂର୍ବତନ ବିଧାୟକ ତଥା ଜାତୀୟ କମିଟି ସଭ୍ୟ ଏନ. ନାରାୟଣ ରେଡ଼ି, ଶ୍ରମିକ ନେତା ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ସେଠି, ନାରୀନେତ୍ରୀ ଏନ. ଭାନୁମତି ରେଡ଼ି, ସୀମାଞ୍ଚଳ ପଲେଇ,




ଗୁରୁନାଥ ପ୍ରଧାନ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ଼ି, ସି. ଏଚ ଜନାର୍ଦ୍ଦନ ରେଡ଼ି, କାଉନସିଲର କ୍ଷେତ୍ର ମୋହନ ବେହେରା, ପୂର୍ଣ୍ଣ ପଲେଇ, ବେନି ବେହେରା, ଚକ୍ରପାଣି ରେଡ଼ି, ରଘୁନାଥ ବେହେରା, ଦେବସ ନାୟକ, ନବୀନ ଗୌଡ଼ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ ।

# ଖଳିସାହି ଉଚ୍ଚ ବିଦ୍ୟାଳୟ ଫାଟକ ସମ୍ମୁଖରେ ଜମୁଛି ବର୍ଷାପାଣି

କଣ୍ଟିଲୋ,(ନି.ପ୍ର): ଅସରାଏ ବର୍ଷା ହେଲେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମର ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ଫାଟକ ନିକଟରେ ୨ ଫୁଟ ଉଚ୍ଚରେ ବର୍ଷା ପାଣି ଜମି ରହୁଛି । ଫଳରେ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ଠାରୁ ଆରମ୍ଭ କରି ଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟକୁ ଗଲା ବେଳେ ପାଣି ମଧ୍ୟ ଦେଇ ଯାତାୟାତ କରୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଗତ ନବୀନ ସରକାରଙ୍କ ଅମଳରେ ୫ଟି ରୂପାନ୍ତରିକରଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟର ସାମଗ୍ରିକ ବିକାଶ କାର୍ଯ୍ୟ କରାଯାଇଥିଲେ ହେଁ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ବିଦ୍ୟାଳୟ ଫାଟକ ସମ୍ମୁଖରେ ଜମା ରହିବା ଦୁଃଖର ବିଷୟ । ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ଚାଲିଥିବା ସମୟରେ ଉପରୋକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହେବା ସହ ବାରମ୍ବାର ସେ ନେଇ ଅଭିଯୋଗ କରିଥିଲେ । ମାତ୍ର ସେଥିପ୍ରତି ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଓ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୃଷ୍ଟି ଦେଇ ନ ଥିବାରୁ ପରିସ୍ଥିତି ଏଭଳି ହୋଇଥିବା ଅଭିଯୋଗ ହେଉଛି । ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଜମା ହୋଇ ରହୁଥିବା ବର୍ଷା ପାଣି ନିଷ୍କାସନ ନିମନ୍ତେ ତୁରନ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଖଳିସାହି ପଞ୍ଚାୟତବାସୀ ଦାବି କରିଛନ୍ତି ।



## ଗଙ୍ଗାଧର ମେହେରଙ୍କ ସାହିତ୍ୟର ପଟାନ୍ତର ନାହିଁ

ରାଉରକେଲା,(ନିପ୍ର): ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ୍ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସେକ୍ଟର ସାତ ସ୍ଥିତ କାର୍ଯ୍ୟାଳୟ ଠାରେ ୧୬୫ତମ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ୍ କାରଖାନାର ପ୍ରାକ୍ତନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି ଯୋଗ ଦେଇଥିଲା ବେଳେ ଅଧ୍ୟାପିକା ପ୍ରିୟଙ୍କା ପଲେଇ 'କାବ୍ୟ ଶିଳ୍ପୀ ଗଙ୍ଗାଧର' ଶୀର୍ଷକ ଆଲୋଚନାରେ ମେହେର ସାହିତ୍ୟର ପଟାନ୍ତର ନାହିଁ ବୋଲି ମତ ପ୍ରକାଶ କରିଥିଲେ । ସଂସଦର ଉପସଭାପତି ରଶ୍ମିବାଳା ରାଉତରାୟଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସର୍ବ ପ୍ରଥମେ ମଞ୍ଚାସୀନ ଅତିଥିଗଣ ଶ୍ରୀଜଗନ୍ନାଥ ଓ କବି ଗଙ୍ଗାଧରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥଲେ । ଇତ୍ୟବସରରେ କବି ରବିନ୍ଦ୍ର ନାଥ ମହାନ୍ତିଙ୍କ କବିତା ସଙ୍କଳନ' ଜନନୀ ଜନ୍ମଭୂମିଶ୍ଚ ' ଲୋକାର୍ପିତ ହୋଇଥିଲା । ଅଧ୍ୟାପକ ମହେନ୍ଦ୍ର କୁମାର ମିଶ୍ର ପୁସ୍ତକ ସମୀକ୍ଷା କରିଥିବା ବେଳେ କବି ଶ୍ରୀ ମହାନ୍ତି ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ମେହେର କାବ୍ୟ କବିତା ଆବୃତ୍ତି ପ୍ରତିଯୋଗିତାରେ ଦଶ ଜଣ ସ୍କୁଲ୍ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୱେଶିତା ପଣ୍ଡା, ଅରୁଣିମା ସାହୁ, ଶ୍ରେୟା ଦାସ, ସ୍ମୃତି ପ୍ରଜ୍ଞା ମଲ୍ଲିକ୍, ସାଇନି ପ୍ରିୟଦର୍ଶିନୀ ଜେନା, ଅର୍ଣ୍ଣଭ ରାଜ୍ ହରିପାଲ, ତେଜସ୍ୱିନି ପରିଡ଼ା, ଶ୍ରୁତି ଲାକ୍ରା, ତେଜସ୍ୱିନୀ ସ୍ୱାଇଁ ଓ ତବୁ ହରିପାଲ ଆଦି ଛାତ୍ର ଛାତ୍ରୀଙ୍କୁ ଏହି କ୍ରମରେ ଡି ଏନ୍ ପତି ଏବଂ ନୀଳମଣି ପାତ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା ।




## ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ

ବଡ଼ସାହି,(ନିପ୍ର): ବଡ଼ସାହି ବ୍ଲକସ୍ତରୀୟ ବିଶ୍ୱ ଅଦିବାସୀ ଦିବସ ସ୍ଥାନୀୟ ବିର୍ସା ମୁଣ୍ଡାଙ୍କ ପୀଠରେ ବୁରୁବଙ୍ଗା ଯୁବକ ସଂଘ, ବୁରୁବାଙ୍ଗା ସାସଂକିର କମିଟି, ବୁରୁନଙ୍ଗା ମୁଣ୍ଡାରୀ ବିଦ୍ୟାଳୟ, ବଡ଼ସାହି ସେବା କମିଟି, ବଡ଼ସାହି ପେସା କମିଟିର ମିଳିତ ଆନୁକୂଲ୍ୟରେ ପାଳନ ହୋଇଯାଇଛି । ଇତି ଅବସରରେ ଅଦିବାସୀ ପୂର୍ବପୁରୁଷ ଓ ବୀରସହିଦ୍ ମାନଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ବିଧିବଦ୍ଧ ଭାବେ ସଭାକାର୍ଯ୍ୟ ଆରମ୍ଭ କରା ଯାଇଥିଲା । ଉକ୍ତ ବୈଠକକୁ ମୁଖ୍ୟ ଅତିଥି ଭାବେ ପେସା ଯୁବ ସଂଯୋଜକ ଦୁଲା ରାମ ମୁର୍ମୁ ଓ ମୁଖ୍ୟ ବକ୍ତା ଭାବେ ବଡ଼ସାହି ବ୍ଲକର ପୂର୍ବତନ ଅଧକ୍ଷ ତଥା ସେବଦଙ୍ଗଠର ସଭାପତି ଚୈତନ୍ୟ ସୋରେନ ଯୋଗଦାନ କରି ଆଦିବାସୀଙ୍କର ଜୀବନ ଜୀବିକା ଜଳ,ଜମି, ଜଙ୍ଗଲ ଓ ସାମ୍ବିଧାନିକ ଅଧିକାର ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ଏଥିରେ ଅନେକ ଆଦିବାସୀ ପୁରୁଷ ମହିଳା ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଶେଷରେ ବାଦଲ ସିଂ ଧନ୍ୟ ବାଦ ଅର୍ପଣ କରିଥିଲେ ।



**କାଶୀନଗର :** କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡା ପଂଚାୟତ ଅଧୀନରେ ଥିବା ରେଲି ଗୁଡା ଗ୍ରାମ ଠାରେ ଆଦିବାସୀ ମଞ୍ଚର ସଭାପତି ନାଗେଶ୍ୱର ଶବରଙ୍କ ସଭାପତିତ୍ୱରେ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଥିଲା । ଆଦିବାସୀ ମଞ୍ଚର ସମ୍ପାଦକ ସୁକୁ ଶବର, କାର୍ତ୍ତିକ ଶବର, ରାୟଗଡା ଜିଲ୍ଲା ସଚେତକ ମଣ୍ଡାଙ୍ଗୀ ମାଧବ ରାଓ,ଦାମୋଦର ଶବର,ବିଦ୍ଧୁ ଶବର,ଲିଙ୍ଗରାଜ ଗମାଙ୍ଗ ଓ ଗଣପତି ରାଇକା ମଂଚାସୀନ ହୋଇ ଆଦିବାସୀ ମାନଙ୍କ ପ୍ରମଖ ସମସ୍ୟା, ଆଦିବାସୀଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ ।

ସେହିପରି ପାର୍ତ୍ତଡା ପଞ୍ଚାୟତ ଅନ୍ତର୍ଗତ ଏସ୍. ବୁରଡ଼ା ଗ୍ରାମ ଠାରେ ଅଖିଳ ଭାରତ ଆଦିବାସୀ ମଂଚ ତରଫରୁ ଆଦିବାସୀ ନେତା ଜୁନେସ ମେଦି ଅଧକ୍ଷତା ଓ ମୁଖ୍ୟ ବକ୍ତା ଭାବେ ଅଖିଳ ଭାରତ ଆଦିବାସୀ ମଂଚର ଅନ୍ୟତମ ଆବାହକ କେଦାର ଶବର ମଂଚାସୀନ ହୋଇ ବକ୍ତବ୍ୟ ରଖିଥିଲେ । ଏହି ପରିପ୍ରେକ୍ଷୀରେ ଆଦିବାସୀ ମାନଙ୍କ ଜଙ୍ଗଲ ଜମି ପଟ୍ଟା, ଭୂମିହୀନଙ୍କୁ ଭୂମି ଦେବା, ଆଦିବାସୀଙ୍କ ଜମି, ଜଙ୍ଗଲ ଓ ପାହାଡକୁ କମ୍ପାନୀଙ୍କ ହାତରେ ଟେକିଦେବା ବନ୍ଦ କରିବା, ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ରେସନ କାର୍ଡ ରେ ୫୦ କିଲୋ ଚାଉଳ, ଆବାସ ଯୋଜନା ରେ ଅନ୍ତର୍ଭୁକ୍ତ କରି ୫ ଲକ୍ଷ ଟଙ୍କା ଦାବି,ବାର୍ଦ୍ଧକ୍ୟ ଓ ବିକଳଙ୍ଗ ଭତ୍ତା ୫୦୦୦ ଟଙ୍କା କୁ ବୃଦ୍ଧି କରିବା କୁ ଆଦିବାସୀ ନେତା ମାନେ ସରକାରଙ୍କ ନିକଟରେ ଆଦିବାସୀ ଦିବସରେ ଦାବି ଉପସ୍ଥାପନା କରି ସରକାରଙ୍କୁ ଶୀଘ୍ର ସବୁ ଦାବିଗୁଡିକ ପୂରଣ କରିବା ପାଇଁ ବକ୍ତବ୍ୟମାନ ରଖିଥିଲେ ।

## ନାଲକୋ ଇଣ୍ଡିପେଣ୍ଡେନ୍ସ କପ୍ ଫୁଟବଲ ଉଦ୍‌ଘାଟିତ, ୧୫୦ ଦଳ ମଧ୍ୟରେ ପ୍ରତିଯୋଗିତା

ଦାମନଯୋଡ଼ି,(ନିପ୍ର): ୨୭ ତମ ନାଲକୋ ଇଣ୍ଡିପେଣ୍ଡେନ୍ସ କପ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି । ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର କ୍ରୀଡ଼ା ବିଭାଗ ଅଧିକାରୀ ଅରୁଣ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଚଳିତ ବର୍ଷ କୋରାପୁଟ ଜିଲ୍ଲାର ବିଭିନ୍ନ ପ୍ରାନ୍ତ ରୁ ୧୫୦ଟି ଦଳ ଭାଗ ନେଇଛନ୍ତି । ନାଲକୋ ଟାଉନସିପ ସେକ୍ଟର ୨ ସ୍ଥିତ ଆମ୍ବେଦକର ଷ୍ଟାଡିୟମ ଓ ସେକ୍ଟର ୩ ସ୍ଥିତ ନେତାଜୀ ଷ୍ଟାଡିୟମରେ ନକ ଆଉଟ୍ ଭିତ୍ତିରେ ଖେଳ ଅନୁଷ୍ଠିତ ହୋଇଥିଲା । ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଭୟ ଷ୍ଟାଡିୟମରେ ଉଦ୍‌ଘାଟନ କରିଥିଲେ । ନାଲକୋର ମୁଖ୍ୟ ମହାପ୍ରବନ୍ଧକ ପୁରୁଷୋତ୍ତମ ମହାନ୍ତ,ଦିଲ୍ଲୀପ କୁମାର ବାଗ ଓ ଚନ୍ଦ୍ରମୋହନ ମହାନ୍ତଙ୍କ ସହିତ ଉପ ମହାପ୍ରବନ୍ଧକ ମନୋରଂଜନ ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା,ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ସାମନାକୁ ଆଣିବା ସହିତ ଫୁଟବଲ ଖେଳାଳିଙ୍କ ପାଇଁ ଏକ ସଠିକ୍ ଭିତ୍ତିଭୂମି ଯୋଗାଇଦେବା ପାଇଁ ନାଲକୋ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟ ହେଉଥିବା ମୁଖ୍ୟ ଅତିଥି ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ । ନାଲକୋ କ୍ରୀଡ଼ା ଅଧିକାରୀ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଆଗାମୀ ୧୫ ତାରିଖ ସ୍ୱାଧୀନତା ଦିବସ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକଙ୍କ ନିକଟରୁ ସୂଚନା ମିଳିଛି । ରେଫରୀ ଚଞ୍ଚଳ ମାଝୀ, ବିଶ୍ୱେଶ୍ୱର ପ୍ରଧାନ,ଅବିନାଶ କୁଲଦୀପ,ପ୍ରଦୀପ ହାଁସଦା, ଡମ୍ବରୁ ଗୌଡ,ଉଦ୍ଧବ ବାଘ, ସଞ୍ଜନା ମିଞ୍ଜ, ସନ୍ତୋଷ ପ୍ରଧାନ, ପୁରନ୍ଦର ମାଝୀ ଓ ପବିତ୍ର ଦିଶାରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।



## ଧାମନଗର ପ୍ରେସ୍ କ୍ଲବ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଧାମନଗର,(ନିପ୍ର): ଧାମନଗର ପ୍ରେସ କ୍ଲବ ଆନୁକୁଲ୍ୟରେ ରଇପୁର ପଞ୍ଚାୟତ ସ୍ଥିତ ସରକାରୀ କଣ୍ଟିକା ଉନ୍ନୀତ ଏମ୍ଇ ବିଦ୍ୟାଳୟ ପରିସରରେ ଡା.ଅଜିତ ପ୍ରସାଦ ଜେନାଙ୍କ ସଂଯୋଜନାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଛି । ପଞ୍ଚାୟତ ସରପଞ୍ଚ ଜଗଦାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଶିବିରରେ କଟକ ସ୍ଥିତ ବରିଷ୍ଠ ପେଟ ରୋଗ ବିଶେଷଜ୍ଞ ଡ଼ା. ଅଜିତ ପ୍ରସାଦ ଯେନାଙ୍କ ସମେତ ଫାର୍ମାସିଷ୍ଟ ଲୋପାମୁଦ୍ରା ଧଳ ଓ ମୋନାଲିସା ନାୟକ, ପର୍ଶୁରାମ ଦାସ, ଜ୍ୟୋତିରଂଜନ ଦାସ, ରୁଦ୍ରନାରାୟଣ ପୋଥାଳ ପ୍ରମୁଖ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ହୋଇ ରୋଗୀମାନଙ୍କୁ ପରୀକ୍ଷା ନିରୀକ୍ଷା କରି ସେବା ଯୋଗାଇଥିଲେ । ଶିବିରରେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ରୋଗୀଙ୍କୁ ଚିକିତ୍ସା କରାଯିବା ସହି ମାଗଣା ଔଷଧ ବିତରଣ କରାଯାଇଥିଲା ।

## ଚକବନ୍ଦୀ କାର୍ଯ୍ୟକାରୀ କରିବା ପାଇଁ ଦାବି

ଭାପୁର,(ନିପ୍ର): ରାଜ୍ୟରେ ୧୯୮୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ଚାଷ ଜମିର ଚକବନ୍ଦୀ କାର୍ଯ୍ୟକ୍ରମ ବର୍ତ୍ତମାନ ପାଖାପାଖି ୫୦ ବର୍ଷ ବିତି ଯାଇଥିଲେ ମଧ୍ଯ ଆଉ କାର୍ଯ୍ୟକାରୀ ହୋଇ ନ ଥିବାରୁ ଜମି ଗୁଡିକ ଭାଗ ଭାଗ ହୋଇଗଲାଣି । ଏହି ଚକବନ୍ଦୀ ଦ୍ୱାରା ଚାଷୀ ମାନଙ୍କର ଜମି ଚକ ଆକାରରେ ଏକାଠି ରହିଥିଲା । ବର୍ତ୍ତମାନ ଚାଷ ଜମି ଚାଷୀ ବିକ୍ରି କରିବା ତଥା ପରିବାର ବିଭାଜନ ଯୋଗୁଁ ଜମି ଗୁଡିକ ପୁଣିଥରେ ଖଣ୍ଡବିଖଣ୍ଡିତ ହୋଇଯିବାରୁ ଜମି ଚାଷ କାର୍ଯ୍ୟ କରିବା ପାଇଁ ସମସ୍ୟା ଉପୁଜିଲାଣି । ଭାପୁର ବ୍ଲକର ଗାଁ ଗହଳି ରେ ବାସ କରୁଥିବା ଚାଷୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେଣୁ,ପୁଣିଥରେ ଚକବନ୍ଦୀ ନିହାତି ଅପରିହାର୍ଯ୍ୟ ହୋଇପଡିଛି । ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା ଚାଷଜମି କୁ ଏକାଠି କରି ଚକବନ୍ଦୀ କରିବା ପାଇଁ ଭାପୁର ବ୍ଲକ ଅଞ୍ଚଳର ଚାଷୀ ମାନେ ଦାବି କରିଛନ୍ତି । କେଉଁ ଅଞ୍ଚଳ,ଜମିର ଆୟତନ,କିସମ ଆଦି ହିସାବ କୁ ନେଇ ଚାଷୀ ଙ୍କ ଜମିକୁ ଏକାଠି କରିବା ପାଇଁ ଦୀର୍ଘ ୫୦ ବର୍ଷ ପରେ ଚାଷୀଙ୍କ ସ୍ୱର ଶାଣିତ ହେଉଛି । ଚକବନ୍ଦୀ ଦ୍ୱାରା ଚାଷ କାର୍ଯ୍ୟ ଠାରୁ ଶସ୍ୟ ଅମଳ ପର୍ଯ୍ୟନ୍ତ ଚାଷୀଙ୍କ ସୁବିଧା ତଥା ସରଳିକରଣ ପାଇଁ ଏହି ଚକବନ୍ଦୀ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ । ଗୋଟିଏ ଚକରେ ଚାଷୀଙ୍କ ଜମି ରହୁଥିବାରୁ କ୍ଷେତର ରକ୍ଷଣାବେକ୍ଷଣ ସୁବିଧାରେ ହେବା ସହିତ କମଖର୍ଚ୍ଚ ବି ହୋଇପାରୁଥିଲା । ପୂର୍ବବତ,ଚାଷୀମାନେ ଯେଉଁଭଳି ଭାବରେ ଧାନ ବୁଣିବା ଠାରୁ ଆରମ୍ଭ କରି ଧାନ କାଟି ଘରକୁ ନେବା ପର୍ଯ୍ୟନ୍ତ ଯେଉଁଭଳି ହଇରାଣ ହରକତ ହେଉଥିଲେ ବର୍ତ୍ତମାନ ସେହି ଅବସ୍ଥାକୁ ଚାଲି ଆସିଲାଣି । ଫଳରେ,ଭାପୁର ବ୍ଲକ ଚାଷୀ ମାନଙ୍କର ଚକବନ୍ଦୀ ନିହାତି ଅପରିହାର୍ଯ୍ୟ ହୋଇପଡିଥିବାରୁ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

## ରକ୍ତଦାନ ମହାପୁଣ୍ୟ

ରାଉରକେଲା,(ନିପ୍ର): ରାଉରକେଲା ସ୍ଥିତ ଝିରପାଣି ସାଇନିଂ କ୍ଲବ ଠାରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା, ଝିରପାଣି ବାସିନ୍ଦା କାଳା ଖାଲକୋ ଓ ଜୟନ୍ତ ପତିଙ୍କ ନେତୃତ୍ୱରେ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟଟି କରାଯାଇଥିଲା, ଏହି ଅଞ୍ଚଳରେ ବସବାସ କରୁଥିବା ଜନ ସାଧାରଣ ମାନେ ଉତ୍ସାହିତ ମନରେ ରକ୍ତଦାନ କରୁଥିବାର ଦେଖାଯାଇଥିଲା । ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ହାଲୁ ମୁଣ୍ଡାରୀ, ପ୍ରଶାନ୍ତ ସେଠି, ରଞ୍ଜିତ ବୋଷ, ଚକ୍ରଧର ମଲ୍ଲିକ, ମହେନ୍ଦ୍ର କୁମ୍ଭାର, ବିଚିତ୍ରା ନନ୍ଦ କର , ରାମଚନ୍ଦ୍ର ଖଡିଆ, ଶୁଭମ ତନ୍ତୀ, ପ୍ରତିମା ପାତ୍ର, ଭାରତୀ ତନ୍ତୀ, ଜାହ୍ନବୀ ତନ୍ତୀ ପ୍ରମୁଖ ରହି କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳିତ କରିଥିଲେ, ବର୍ତ୍ତମାନ ସୁଦ୍ଧା ରାଉରକେଲା ସମେତ ବିଭିନ୍ନ ପଞ୍ଚାୟତରେ ୭ ସପ୍ତାହ ଧରି କାର୍ଯ୍ୟକ୍ରମ ଚାଲିଛି, ଦଳ ତରଫରୁ କୁହାଯାଇଛି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ସମୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଓ ଆଗକୁ ଚାଲୁ ରହିବ ।

## କ୍ଷତ୍ରିୟ ସମାଜ ଜିଲ୍ଲା କାର୍ଯ୍ୟକାରିଣୀ

ଡାବୁଗାଁ,(ନିପ୍ର): ପାପଡାହାଣ୍ଡି ମୃଗ ବିହାର ନିକଟସ୍ଥ କଲ୍ୟାଣ ମଣ୍ଡପରେ କ୍ଷତ୍ରିୟ ସମାଜର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଚକ୍ରଧର ସିଂ, ମୁଖ୍ୟ ବକ୍ତା ଭାବେ ସଂଗଠନ ସାଧାରଣ ସମ୍ପାଦକ ସୂର୍ଯ୍ୟବଂଶୀ ଜୟନ୍ତ ରାୟପାତ୍ର, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସିଂ, ଜିଲ୍ଲା ଉପସଭାପତି ପଦ୍ମନ ନାୟକ, ସୁରେନ୍ଦ୍ର ନାୟକ, ହରିହର ଧାକଡ, ମନମୋହନ ସିଂ, ସାମାଜିକ ସୁରକ୍ଷା ସମିତି ପ୍ରମୁଖ ଲକ୍ଷ୍ମୀ ନାରାୟଣ ପାଣ୍ଡେ, କୋଷାଧ୍ୟକ୍ଷ ଭିକାରୀ ଚରଣ ନାୟକ, ଶ୍ୟାମସୁନ୍ଦର ନେଗୀ, ନିଳମ ରାୟପାତ୍ର ଓ ତ୍ରିଲୋଚନ ଧାକଡ ମଞ୍ଚାସିନ ଥିଲେ । ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଉପ ସଭାପତି କାର୍ତ୍ତିକ ଦାସ । କ୍ଷତ୍ରିୟ ଧାକଡ ସମାଜ ର ଉନ୍ନତି, ସାମାଜିକ ସୁରକ୍ଷା ଓ ଅର୍ଥନୈତିକ ବିକାଶ ଉପରେ ଆଲୋଚନା କରାଯାଇ ଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବଳରାମ ସିଂ, ସୁମିତ ସିଂ ଠାକୁର, ତ୍ରିନାଥ ସିଂ, ମହେଶ୍ୱର ନାୟକ , ଲକ୍ଷ୍ମଣ ସିଂ, ବିପିନ ଭୁକ୍ତା, ହରେ ପ୍ରତାପ ସିଂ, ଜଳନ୍ଧର ସିଂ, ସନ୍ତୋଷ ସିଂ ରାଜପୁତ, ଗଣେଶ ନାୟକ, ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ନୂଆଖାଇ ପରେ ଧୁମଧାମରେ ନୂଆଖାଇ ଭେଟଘାଟ ପାଳନ ପାଇଁ ମଧ୍ୟ ଆଲୋଚନା କରା ଯାଇଥିଲା ।

## 'ଏଗ୍ରିଷ୍ଟାକ୍' ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି

ବଲାଙ୍ଗିର,(ନିପ୍ର): ପ୍ରତି ଫସଲ ଋତୁରେ ଧାନ ପଞ୍ଜୀକରଣ ଓ ବିକ୍ରି ସମୟରେ ଅଯୌକ୍ତିକ କଟକଣା ଏବଂ ଜଟିଳ ନିୟମାବଳୀ ଯୋଗୁଁ ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବହୁଚାଷୀ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବାରୁ ବଞ୍ଚିତ ହେଉଥିବା ବେଳେ ଯୋଗ୍ୟ ଚାଷୀଙ୍କ ନିକଟକୁ ଟୋକନ୍




ନ ଆସିବା ଗତ ଫସଲରେ ଦେଖିବାକୁ ମିଳିଥିଲା । ଏହା ଭିତରେ ଚଳିତ ଫସଲରେ ସରକାର ପୁଣି 'ଏଗ୍ରିଷ୍ଟାକ୍' ଭଳି ଅବାନ୍ତର ନିୟମ ଲାଗୁ କରିବା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ନୂତନ ଭାବେ ଲାଗୁ କରାଯାଇଥିବା 'ଏଗ୍ରିଷ୍ଟାକ୍' ନିୟମକୁ ସମ୍ପୂର୍ଣ୍ଣ ବାତିଲ କରାଯାଉ । ପୂର୍ବଭଳି ସରଳ ଉପାୟରେ ଧାନ ପଞ୍ଜୀକରଣ ପ୍ରକ୍ରିୟା ଜାରି ରଖାଯାଉ । ଜମିର ଆରଓଆର୍ (ପଟ୍ଟା ନାମ) ସମ୍ପୂର୍ଣ୍ଣ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ କୌଣସି ନୂଆ କଠୋର ନିୟମ ଲାଗୁ ନକରି ପଞ୍ଜୀକୃତ ହୋଇଥିବା ସମସ୍ତ ଜମି ପାଇଁ ଶତପ୍ରତିଶତ ଟୋକନ୍ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉ ବୋଲି ବଲାଙ୍ଗିର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମିଳିତ ଚାଷୀ ସଂଗଠନ ଦାବି କରିଛି । ଏପରିକି ଜିଲ୍ଲାରେ କୃଷିମନ୍ତ୍ରୀ ରହିଥିଲେ ବି ବାଲି ଚର ସହାୟତା ପାଇଲେ ଚାଷୀ ପଞ୍ଜିକରଣ କରି ଧାନ ବିକ୍ରି କରି ପାରିବ ନାହିଁ ବୋଲି କୃଷି ଅଧିକାରୀ ଧମକ ଦେଉଛନ୍ତି ଆଗାମୀ ଦିନରେ ଚାଷୀଙ୍କ ପିଠି ଓ ପୁଲିସର ଲାଠିକୁ ନେଇ ଲଢ଼େଇ ହେବ ବୋଲି ମିଳିତ ଚାଷୀ ସଂଗଠନର ଆବାହକ ଆକାଶ ମିଶ୍ର କହିଥିଲେ ।

## ଆସିକା: ଉପ-କାରାଗାରରେ 'ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ

ଆସିକା,(ନିପ୍ର): ନିଶାମୁକ୍ତ ସମାଜ ଗଠନର ମହତ୍ତ୍ୱପୂର୍ଣ୍ଣ ସଂକଳ୍ପକୁ ନେଇ ଆସିକା ଉପ-କାରାଗାର ପରିସରରେ ଏକ ପ୍ରେରଣାଦାୟକ 'ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଉପ-କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଖଗେଶ୍ୱର ସିଂଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକତା,





ରାଜଯୋଗ ଓ ନିଶାମୁକ୍ତିର ସନ୍ଦେଶ ଅନ୍ତେବାସୀମାନଙ୍କ ମଧ୍ୟରେ ପହଞ୍ଚାଯାଇଥିଲା ।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଆସିକା ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍ତେବାସୀମାନଙ୍କୁ ଜୀବନ ପରିବର୍ତ୍ତନର ଏକ ନୂତନ ଦିଗ ଦେଖାଇଥିଲେ । ସେ କହିଥିଲେ ଯେ, ନିଶାରୁ ମୁକ୍ତି କେବଳ ଏକ ଅଭ୍ୟାସକୁ ଛାଡ଼ିବା ନୁହେଁ; ଏହା ନିଜ ଚିନ୍ତା, ଚେତନା ଓ ଜୀବନଶୈଳୀର ଏକ ସକାରାତ୍ମକ ପରିବର୍ତ୍ତନ । ସହଜ ରାଜଯୋଗ ଅଭ୍ୟାସ ମାଧ୍ୟମରେ ମନକୁ ଶାନ୍ତ, ସ୍ଥିର ଓ ଶକ୍ତିଶାଳୀ କରି ଶାରୀରିକ ଓ ମାନସିକ ସୁସ୍ଥତା ଲାଭ କରାଯାଇପାରିବ । ସେ ଅନ୍ତେବାସୀଙ୍କୁ ନିଜ ଜୀବନରେ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରି ପରିବାର ଓ ସମାଜର ଉତ୍ତରୋତ୍ତର ଉନ୍ନତିରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ ।

ଉପ-କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଖଗେଶ୍ୱର ସିଂ ତାଙ୍କ ବକ୍ତବ୍ୟରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଥିଲେ ଯେ, କାରାଗାରରେ ଅନ୍ତେବାସୀମାନଙ୍କ ଜୀବନଶୈଳୀରେ ସୁଧାର ଆଣିବା ସହିତ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଓ ସକାରାତ୍ମକ ଚିନ୍ତନର ବିକାଶରେ ଏହି କାର୍ଯ୍ୟକ୍ରମଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ।

## ପାରଳାଖେମୁଣ୍ଡି : ୧୧ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,(ନିପ୍ର): ପାରଳାଖେମୁଣ୍ଡି ସହରରେ ପାଟ୍ରୋଲିଂ କରୁଥିବା ସମୟରେ ଏସ୍.ଆଇ ପ୍ରଫୁଲ୍ଲ ଜଗରଙ୍ଗାଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ଥାନାର ଏକ ପୋଲିସ ଟିମ୍ ବାଟଗୌଡ଼ ସାହି ଛକ ନିକଟରେ ଏକ ଜରି ବସ୍ତା ବ୍ୟାଗ୍ ଧରି ଠିଆ ହୋଇଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଥିଲେ । ଯାଞ୍ଚ ପରେ ଉକ୍ତ ବ୍ୟକ୍ତିଙ୍କ ପରିଚୟ ସଦାଶିବ ପାଣିଗ୍ରାହୀ (୪୫), ବାଟଗୌଡ଼ ସାହି, ପାରଳାଖେମୁଣ୍ଡି ବୋଲି ଜଣାପଡ଼ିଥିଲା । ଆଇନଗତ ପ୍ରକ୍ରିୟା ଅନୁସରଣ କରି ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଏବଂ ସ୍ୱାଧୀନ ସାକ୍ଷୀମାନଙ୍କ ଉପସ୍ଥିତିରେ ଉକ୍ତ ବ୍ୟାଗ୍‌କୁ ତଲାସି କରାଯିବାରୁ ସେଥିରୁ ୧୧ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା । ପୋଲିସ ଉକ୍ତ ଗଞ୍ଜେଇ ସହିତ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି । ପ୍ରାଥମିକ ତଦନ୍ତରୁ ଉକ୍ତ ଗଞ୍ଜେଇ ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରାଯାଇ ବିକ୍ରୟ ଉଦ୍ଦେଶ୍ୟରେ ବ୍ରହ୍ମପୁର ଅଭିମୁଖେ ଚାଲାଣ କରାଯାଉଥିବା ଜଣାପଡ଼ିଛି । ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଉଛି ।



## ନୂଆଁଖାଇ ସାଂସ୍କୃତିକ କାର୍ଯ୍ୟକ୍ରମ-୨୦୨୬ ପାଇଁ ପ୍ରସ୍ତୁତି

ରେଢ଼ାଖୋଲ,(ନିପ୍ର): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ଉତ୍ସବମୁଖର ଓ ଅଧିକ ଆକର୍ଷଣୀୟ କରିବା ସହ ଏହାର ମହତ୍ତ୍ୱ, ପରମ୍ପରା ଓ ସାଂସ୍କୃତିକ ଭାବଧାରାକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ 'କଳାକାର ପରିବାର' ପକ୍ଷରୁ ନୂଆଁଖାଇ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । 'କଳାକାର ପରିବାର'ର ସମ୍ପାଦକ ଅନିଲ କୁମାର ମେହେରଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ସଭାପତି ସିକୁନ ମହାନ୍ତି ସଭାପତିତ୍ୱ କରିଥିଲେ । ବୈଠକରେ ଆଗାମୀ ନୂଆଁଖାଇ ଅବସରରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁନ୍ଦର, ଶୃଙ୍ଖଳିତ ଓ ଆକର୍ଷଣୀୟ ଭାବେ ସମ୍ପନ୍ନ କରିବା ନେଇ ବିଭିନ୍ନ ପ୍ରସ୍ତୁତି ଓ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ନୂଆଁଖାଇର ମୌଳିକ ପରମ୍ପରା ଓ ପଶ୍ଚିମ ଓଡ଼ିଶାର ସମୃଦ୍ଧ ଲୋକକଳାକୁ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥାପନ କରିବା ଉପରେ ମଧ୍ୟ ମତବିନିମୟ ହୋଇଥିଲା । ବୈଠକରେ ସତ୍ୟନାରାୟଣ ପୋଢ଼, ସ୍ମାରକ ବିଶ୍ୱାଳ, ସୁଧାଂଶୁ ଶେଖର ତ୍ରିପାଠୀ, ବାପୁନ ପ୍ରଧାନ, ବିଶ୍ୱରଂଜନ ସାଗର, ଡିଲେଶ୍ୱର ସାହୁ ନିଜର ମତାମତ ଓ ପ୍ରସ୍ତାବ ରଖିଥିଲେ ।

## ୮୦ତମ ସ୍ୱାଧୀନତା ଦିବସ
# ଲାଲକିଲ୍ଲାରୁ ପ୍ରଥମ ଥର ଗାନ ହେବ ‘ବନ୍ଦେ ମାତରମ୍’




ନୂଆଦିଲ୍ଲୀ,୧୦।୮: ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଚଳିତବର୍ଷ ଏକ ଐତିହାସିକ ଘଟଣା ଦେଖିବ ଦେଶ। ଅଗଷ୍ଟ ୧୫ରେ ଦିଲ୍ଲୀର ଲାଲକିଲ୍ଲା ପ୍ରାଚୀରରୁ ପ୍ରଥମ ଥର ପାଇଁ ଜାତୀୟ ଗୀତ ‘ବନ୍ଦେ ମାତରମ୍’ ଗାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟର ବିବୃତିରେ ଏହି ସୂଚନା ଦିଆଯାଇଛି। ଚଳିତବର୍ଷର ଆୟୋଜନର ଆଉ ଏକ ବିଶେଷତ୍ୱ ହେଉଛି ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ଗୀତ ରଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଏହା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବାରେ ବିଶେଷ ଭୂମିକା ନେଇଥିଲା। ଏହି କାରଣରୁ ୧୫୦ ବର୍ଷ ପୂର୍ତ୍ତିକୁ ନେଇ ଦେଶବ୍ୟାପୀ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଚାଲିଛି। ଏହାର ତୃତୀୟ ପର୍ଯ୍ୟାୟ ଅଗଷ୍ଟ ୭ରୁ ୧୫ ପର୍ଯ୍ୟନ୍ତ ଚାଲିଛି। ଏଥରର ସ୍ୱାଧୀନତା ଦିବସ ପାଳନର ମୁଖ୍ୟ ବିଷୟ ରହିବ ‘ଯୁବଶକ୍ତି’। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବାର ଯାତ୍ରାରେ ଦେଶର ଯୁବପିଢ଼ିର ଅବଦାନ ଓ ଭୂମିକାକୁ ଏଥିରେ ପ୍ରମୁଖତା ଦିଆଯିବ। ଏହି ସମୟରେ ‘ବନ୍ଦେ ମାତରମ୍’କୁ ନେଇ ଆଇନଗତ ପଦକ୍ଷେପ ମଧ୍ୟ ଚର୍ଚ୍ଚାରେ ରହିଛି।

## ଆସାମରେ ବନ୍ୟାର କରାଳ ରୂପ: ୧୦୦ ଟପିଲା ମୃତ୍ୟୁସଂଖ୍ୟା

ନୂଆଦିଲ୍ଲୀ,୧୦।୮: ଆସାମରେ ବନ୍ୟାର କରାଳ ରୂପ, ୧୦୦ରୁ ଅଧିକ ମୃତ। ଉତ୍ତର ପ୍ରଦେଶ ଓ ବିହାରରେ ମଧ୍ୟ ବର୍ଷା ନେଇ ପାଣିପାଗ ବିଭାଗର ସତର୍କକତା ଜାରି। ଦେଶର ବିଭିନ୍ନ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବର୍ଷାର ଭୟାବହତା ଜାରି ରହିଛି । ବିଶେଷକରି ଆସାମରେ ବନ୍ୟା ପରିସ୍ଥିତି ଅତି ମର୍ମନ୍ତୁଦ ହୋଇପଡ଼ିଥିବା ବେଳେ ଉତ୍ତର ପ୍ରଦେଶ, ବିହାର, କେରଳ, ଗୁଜରାଟ ଏବଂ ରାଜଧାନୀ ଦିଲ୍ଲୀରେ ମଧ୍ୟ ପାଗ ରହିଛି ଅତ୍ୟନ୍ତ ଖରାପ । ଆସାମରେ ଲଗାତାର ବର୍ଷା ଓ ବନ୍ୟା ଯୋଗୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୧୦୦ ଟପିଥିବା କୁହାଯାଉଛି। ସରକାରୀ ରିପୋର୍ଟ ଅନୁଯାୟୀ, ମୃତକଙ୍କ ମଧ୍ୟରେ ୬୦ ଜଣ ପୁରୁଷ, ୨୩ ଜଣ ମହିଳା ଏବଂ ୧୮ ଜଣ ଶିଶୁ ଅଛନ୍ତି। କଚାରରେ ୨୨, ଶିବସାଗରରେ ୪୯, କରିମଗଞ୍ଜରେ ୯ ଏବଂ ଗୋଲାଘାଟରେ ୮ ଜଣଙ୍କର ମୃତ୍ୟୁ ହୋଇଛି ।

## ସ୍ଲୋଭେନିଆରେ ଭାରତୀୟ ଦୂତାବାସ ବିକୃତୀକରଣକୁ ଏମ୍‌ଇଏର ନିନ୍ଦା



ନୂଆଦିଲ୍ଲୀ,୧୦।୮: ସ୍ଲୋଭେନିଆସ୍ଥିତ ଭାରତୀୟ ଦୂତାବାସକୁ ବିକୃତ କରାଯିବା ଘଟଣାକୁ ଭାରତ ନିନ୍ଦା କରିଛି। ଏହି ଘଟଣା ପଛରେ ଖଲିସ୍ତାନୀ ଗୋଷ୍ଠୀ ଥିବା ଦାବି ହେଉଥିବାବେଳେ ଭାରତ ଏହି ଘଟଣାରେ ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଲୋଭେନିଆ କର୍ତ୍ତୃପକ୍ଷଙ୍କୁ କହିଛି। ବିଦେଶ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ସ୍ଲୋଭେନିଆର ଲଜୁବଲଜାନାସ୍ଥିତ ଆମ ଦୂତାବାସ ପରିସରକୁ ଭାରତ ବିରୋଧୀ ତତ୍ତ୍ୱମାନେ ବିକୃତ କରିଥିବା ଘଟଣାକୁ ଆମେ ନିନ୍ଦା କରୁଛୁ। ତେବେ ଏହି ଘଟଣା ପାଇଁ କିଏ ଦାୟୀ, ସେ ସମ୍ପର୍କରେ ମନ୍ତ୍ରାଳୟ ବିସ୍ତୃତ ସୂଚନା ପ୍ରଦାନ କରିନି। ମିଳିଥିବା ସୂଚନା ଅନୁଯାୟୀ, ଦୂତାବାସରେ ଭାରତ ବିରୋଧୀ ସ୍ଲୋଗାନ ଲେଖି ଏହାକୁ ବିକୃତ କରିବା ପଛରେ ଖଲିସ୍ତାନୀ ସମର୍ଥକଙ୍କ ହାତ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ, ଭିଏନା କନଭେନସନ୍ ଅନୁଯାୟୀ କୂଟନୈତିକ ପରିସରଗୁଡ଼ିକ ସୁରକ୍ଷିତ ରହିବା ଆବଶ୍ୟକ। ଏହି ମାମଲାକୁ ଭାରତ ସ୍ଲୋଭେନିଆ କର୍ତ୍ତୃପକ୍ଷଙ୍କ ନିକଟରେ ଉଠାଇଛି, ଯାହାଦ୍ୱାରା ଏଭଳି ନିନ୍ଦନୀୟ କାର୍ଯ୍ୟ ପଛରେ ଥିବା ଦୋଷୀମାନଙ୍କୁ ଦାୟୀ କରାଯାଇପାରିବ। ମନ୍ତ୍ରାଳୟ କହିଛି ଆମେ ଅନ୍ୟ ଦେଶର ଆଇନ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷମାନଙ୍କୁ ମଧ୍ୟ ଏଭଳି ଗୋଷ୍ଠୀର ଘୃଣାପୂର୍ଣ୍ଣ ପ୍ରଚାର ଓ ମିଥ୍ୟା ସୂଚନା ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରୁଛୁ। ତେବେ ଗତ କିଛି ବର୍ଷ ହେଲା ଖଲିସ୍ତାନୀ ସମର୍ଥିତ ଗୋଷ୍ଠୀମାନେ ବ୍ରିଟେନ୍, ଆମେରିକା ଓ କାନାଡା ଭଳି ଦେଶରେ ଭାରତର କୂଟନୈତିକ ମିସନଗୁଡ଼ିକୁ ବିକୃତ କରିବା ଓ ଭଙ୍ଗାରୁଜା କରିବା ଘଟଣାରେ ଜଡ଼ିତ ଥିବା ଅଭିଯୋଗ ହୋଇଆସୁଛି।

## ଆତଙ୍କୀ ଯୋଜନାର ପର୍ଦ୍ଦାଫାସ, ୮୬ ହ୍ୟାଣ୍ଡ ଗ୍ରେନେଡ୍ ଜବତ

ଚଣ୍ଡିଗଡ଼, ୧୦।୮: ସ୍ୱାଧୀନତା ଦିବସ ଅର୍ଥାତ୍ ଅଗଷ୍ଟ ୧୫ ପୂର୍ବରୁ ଭାରତରେ ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟାଇବାକୁ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇ ଏବଂ ବିଦେଶରେ ଥିବା ଆତଙ୍କୀ ହ୍ୟାଣ୍ଡଲମାନେ ଏକ ବିରାଟ ଷଡ଼ଯନ୍ତ୍ର ରଚିଥିଲେ । ପଞ୍ଜାବ ପୁଲିସ ଏବଂ କାଉଣ୍ଟର ଇଣ୍ଟେଲିଜେନ୍ସର ମିଳିତ କାର୍ଯ୍ୟାନୁଷ୍ଠାନରେ ଏହି ବଡ଼ଧରଣର ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି। ପଞ୍ଜାବ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ଜଳନ୍ଧର ଏବଂ ଏସବିଏସ୍ ନଗର ପୋଲିସର ମିଳିତ ଅପରେସ ବବର ଖାଲସା ଇଣ୍ଟରନ୍ୟାସନାଲର ଏକ ଆତଙ୍କୀ ମୋଡ୍ୟୁଲକୁ ଠାବ କରାଯାଇଛି । ଏହି ମାମଲାରେ ଜଣେ ମୁଖ୍ୟ ଅପରେଟିଭ୍ ବା ସହଯୋଗୀଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୮୬-ଟି ହ୍ୟାଣ୍ଡ ଗ୍ରେନେଡ୍ ଜବତ କରାଯାଇଛି । ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏହି ଆତଙ୍କୀ ନେଟୱର୍କକୁ ସୀମାପାରରୁ ଅର୍ଥାତ୍ ବିଦେଶରେ ବସିଥିବା ଆତଙ୍କୀ ହ୍ୟାଣ୍ଡଲମାନେ ପରିଚାଳନା କରୁଥିଲେ।

## ବିର୍ଲାଙ୍କ ଭାବପୂର୍ଣ୍ଣ ଆହ୍ୱାନ
# ଲୋକଙ୍କ ସ୍ୱର ଶୁଣାଯାଉ, ସଂସଦ ଚାଲୁ



ନୂଆଦିଲ୍ଲୀ,୧୦।୮: ଲଗାତାର ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା କାର୍ଯ୍ୟ ଅଚଳ ହୋଇପଡ଼ିଥିବା ବେଳେ ଆଜି ସବୁ ଦଳର ନେତାଙ୍କୁ ସଂସଦ ଚଳାଇବା ପାଇଁ ସହଯୋଗ କରିବାକୁ ଭାବପୂର୍ଣ୍ଣ ଆହ୍ୱାନ ଦେଇଛନ୍ତି ବାଚସ୍ପତି ଓମ୍ ବିର୍ଲା। ସୋମବାର ଲୋକସଭାର ବିଜନେସ ଆଡଭାଇଜରି କମିଟି ବୈଠକରେ ସେ କହିଛନ୍ତି, ଲୋକଙ୍କ ସ୍ୱର ସଂସଦରେ ଶୁଣାଯିବା ଦରକାର। ସଂସଦରେ ଆଲୋଚନା ଓ ସାର୍ଥକ ତର୍କ ମାଧ୍ୟମରେ ଜନସାଧାରଣଙ୍କ ସମସ୍ୟା ଉପସ୍ଥାପିତ ହେବା ଉଚିତ ବୋଲି ସେ କହିଛନ୍ତି। ବାଚସ୍ପତି ସବୁ ଦଳର ନେତାଙ୍କୁ ଆହ୍ୱାନ କରି କହିଛନ୍ତି, ସଂସଦୀୟ ପରମ୍ପରାର ସର୍ବୋଚ୍ଚ ମର୍ଯ୍ୟାଦା ବଜାୟ ରଖି ଗୃହର କାର୍ଯ୍ୟ ସୁଚାରୁ ଭାବେ ଚାଲିବାକୁ ସହଯୋଗ କରାଯାଉ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ସାଂସଦମାନେ ନିଜ ମତ ରଖିବାର ସୁଯୋଗ ପାଇବା ଆବଶ୍ୟକ। ହଟ୍ଟଗୋଳ ଯୋଗୁଁ ଆଲୋଚନା ବନ୍ଦ ହେଲେ ଲୋକଙ୍କ ସମସ୍ୟା ଉପରେ ସଂସଦରେ ବିସ୍ତୃତ ଓ ଫଳପ୍ରଦ ଚର୍ଚ୍ଚା ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ଚଳିତ ମୌସୁମୀ ଅଧିବେଶନରେ ବିରୋଧୀ ଦଳଗୁଡ଼ିକର ଲଗାତାର ପ୍ରତିବାଦ ମଧ୍ୟରେ ଆଜି ୧୬ଶ ଦିନ ପାଇଁ ଲୋକସଭା ପ୍ରଶ୍ନକାଳ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଛାତ୍ରମାନଙ୍କ ଉପରେ ପୁଲିସର କଥିତ ଅତ୍ୟାଚାର ଓ ଦେଶର ବିଭିନ୍ନ ସ୍ଥାନରେ ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀ ଦଳଗୁଡ଼ିକ ଗୃହମନ୍ତ୍ରୀ ଅମିତ ଶାହଙ୍କ ଜବାବ ଦାବି କରୁଛନ୍ତି। ଏହା ସହ ଅଯୋଧ୍ୟାର ରାମମନ୍ଦିର ପାଇଁ ସଂଗୃହୀତ ଦାନରେ ଅନିୟମିତତା ନେଇ ମଧ୍ୟ ଆଲୋଚନା ଦାବି କରାଯାଉଛି।ଏପର୍ଯ୍ୟନ୍ତ ଚଳିତ ଅଧିବେଶନରେ ଲୋକସଭା ୯ଟି ବିଲ୍ ପାରିତ କରିଥିବା ବେଳେ ମାତ୍ର ୨ଟି ବିଲ୍ ଉପରେ ଆଲୋଚନା ହୋଇଛି।

## ଜନ୍ତର ମନ୍ତର ପ୍ରତିବାଦରେ ଲାଠିଚାର୍ଜର ଜବାବ ଦେବେ ଶାହ
## ସଂସଦରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ



ନୂଆଦିଲ୍ଲୀ,୧୦/୮: କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ସୋମବାର କହିଛନ୍ତି ଯେ ସଂସଦରେ ଛାତ୍ର ପ୍ରତିବାଦ ଉପରେ ଆଲୋଚନା କରିବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ବିରୋଧୀଙ୍କ ଦାବିକୁ ଗ୍ରହଣ କରି, ସରକାର ରାଜି ହୋଇଛନ୍ତି ଯେ ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ଉପସ୍ଥିତ ହୋଇ ଦିଲ୍ଲୀରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନର ଉତ୍ତର ଦେବେ ଏବଂ ପରିସ୍ଥିତି ସ୍ପଷ୍ଟ କରିବେ। ତେବେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ବିରୋଧୀ ଦଳ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବାରୁ ନିବୃତ୍ତ ରହିବା ଉଚିତ୍। ରିଜିଜୁ କହିଛନ୍ତି ସରକାରଙ୍କ ପ୍ରସ୍ତାବ ସ୍ପଷ୍ଟ। ଛାତ୍ର ଆନ୍ଦୋଳନ ଏବଂ ସମ୍ବନ୍ଧିତ କାର୍ଯ୍ୟକଳାପ ଉପରେ ପୂର୍ଣ୍ଣ ଏବଂ ବିସ୍ତୃତ ଆଲୋଚନା ପାଇଁ ସରକାର ପ୍ରସ୍ତୁତ। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକୁ ମୋର କେବଳ ଅନୁରୋଧ ଯେ, ଯେତେବେଳେ ବିତର୍କ ଏବଂ ପ୍ରତିକ୍ରିୟା ଚାଲିଛି, ସେମାନେ ଗୃହମନ୍ତ୍ରୀଙ୍କୁ କହିବାରୁ ରୋକିବା ପାଇଁ ହଙ୍ଗାମା କରିବା ଉଚିତ୍ ନୁହେଁ। ସେମାନେ ଗୃହମନ୍ତ୍ରୀ ଏବଂ ସରକାରଙ୍କ ପ୍ରତିକ୍ରିୟା ଶୁଣିବା ଉଚିତ୍।

## ଅମିତ ଶାହଙ୍କ ପ୍ରତି ରାହୁଲଙ୍କ କଟାକ୍ଷ
# ଅବାସ୍ତବ ଆଲୋଚନାରେ ଆମର ଆଗ୍ରହ ନାହିଁ



ନୂଆଦିଲ୍ଲୀ,୧୦।୮: ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସଂସଦରେ ଜାରି ରହିଥିବା ଅଚଳାବସ୍ଥା ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୃହମନ୍ତ୍ରୀ ଅମିତ ଶାହ ଛାତ୍ର ପ୍ରସଙ୍ଗରେ ଆଲୋଚନାର ଉତ୍ତର ଦେବେ ବୋଲି କୁହାଯିବା ପରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ନେଇ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ‘ଅବାସ୍ତବ ଆଲୋଚନାରେ ଆମର ଆଗ୍ରହ ନାହିଁ।’ ତାଙ୍କ ଦାବି ହେଉଛି, ସାଧାରଣ ଛାତ୍ର ପ୍ରସଙ୍ଗ ଉପରେ ଆଲୋଚନା ନୁହେଁ, ଜୁନ୍ ୨୦ରେ ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଙ୍କ ବିରୋଧରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ କିଏ ଅନୁମତି ଦେଇଥିଲେ, ତାହାର ସିଧାସଳଖ ଉତ୍ତର ଦରକାର। ଜୁନ୍ ୨୦ରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ବ୍ୟାନରରେ ଛାତ୍ରମାନେ ଦିଲ୍ଲୀରେ ପ୍ରତିବାଦ କରିଥିଲେ। ଏହି ସମୟରେ ଦିଲ୍ଲୀ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରିଥିବା ଏବଂ ପେଲେଟ୍ ଗନ୍ ବ୍ୟବହାର ହୋଇଥିବା ନେଇ ବିରୋଧୀ ଦଳ ଅଭିଯୋଗ କରିଛି। ରାହୁଲ ଗାନ୍ଧୀ ଏହି କାର୍ଯ୍ୟାନୁଷ୍ଠାନ ଅମିତ ଶାହଙ୍କ ନିର୍ଦ୍ଦେଶରେ ହୋଇଥିବା ଅଭିଯୋଗ କରିଆସୁଛନ୍ତି। ତେବେ ସରକାର ଏହି ଅଭିଯୋଗକୁ ସ୍ୱୀକାର କରିନାହାନ୍ତି। ରାହୁଲ କହିଛନ୍ତି, ଘଟଣାର ୧୫ ଦିନ ପରେ ମଧ୍ୟ ସରକାର ନିଜ ଉତ୍ତରଦାୟିତ୍ୱ ସ୍ୱୀକାର କରିନାହାନ୍ତି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଭୂମିକା ଏବଂ ଉତ୍ତରଦାୟିତ୍ୱକୁ ନେଇ ସେ ପ୍ରଶ୍ନ କରିଛନ୍ତି। ଏହା ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ, ଛାତ୍ରମାନଙ୍କ ସମ୍ପର୍କିତ ସମସ୍ତ ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଏବଂ ବିରୋଧୀ ଦଳ ଉଠାଇବାକୁ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦିଆଯିବ। ଗୃହମନ୍ତ୍ରୀ ଅମିତ ଶାହ ଏହାର ଉତ୍ତର ଦେବେ ବୋଲି ସେ କହିଥିଲେ। ଆଲୋଚନା ସମୟରେ ବିରୋଧୀ ସାଂସଦମାନେ ଗୃହରେ ବାଧା ସୃଷ୍ଟି ନକରି ସରକାରଙ୍କ ଉତ୍ତର ଶୁଣନ୍ତୁ ବୋଲି ରିଜିଜୁ ଅନୁରୋଧ କରିଥିଲେ।


## ତାରିକ ରହମାନଙ୍କୁ ଭେଟିଲେ ଭାରତୀୟ ରାଷ୍ଟ୍ରଦୂତ

ଢାକା,୧୦।୮: ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ ଢାକାରେ ଭାରତୀୟ ରାଷ୍ଟ୍ରଦୂତ ଦିନେଶ ତ୍ରିବେଦୀଙ୍କୁ ସୋମବାର ଭେଟିଛନ୍ତି। ଏହି ଅବସରରେ ବାଂଲାଦେଶ ଏହାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପ୍ରତ୍ୟର୍ପଣକୁ ତ୍ୱରାନ୍ୱିତ କରିବା ଓ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଭାରତକୁ ଆହ୍ୱାନ କରିଛି। ଡିସେମ୍ବରରେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଂଲାଦେଶ ଫେରିବା ଯୋଜନା ବିଷୟରେ କହିବା ପାଇଁ ନୂଆଦିଲ୍ଲୀରେ ଏକ ଭର୍ଚୁଆଲ୍ ସାମ୍ବାଦିକ ସମ୍ମିଳନୀ କରିବାର ପାଞ୍ଚ ଦିନ ପରେ ଢାକା ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ନିଜର ଅନୁରୋଧକୁ ପୁନର୍ବାର ଦୋହରାଇଥିଲା। ହସିନା ୨୦୨୪ ଅଗଷ୍ଟରୁ ଭାରତରେ ନିର୍ବାସନରେ ରହିଆସୁଛନ୍ତି।

## ଆସାମ-ଅରୁଣାଚଳ ସୀମା ବିବାଦ ତେଜିଲା, ଗୁଲିମାଡ଼ରେ ୧୮ ଆହତ

ଜୋରହାଟ,୧୦।୮: ଆସାମ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ସୀମା ବିବାଦକୁ ନେଇ ସୋମବାର ପୁଣି ଉତ୍ତେଜନା ବଢ଼ିଛି। ଉଭୟ ରାଜ୍ୟର ସୀମାନ୍ତ ଅଞ୍ଚଳ ମିଙ୍ଗମାଙ୍ଗରେ ଅଜଣା ବ୍ୟକ୍ତିଙ୍କ ଗୁଳିମାଡ଼ରେ ଆସାମର ୧୮ ଜଣ ଗ୍ରାମବାସୀ ଆହତ ହୋଇଛନ୍ତି। ଆହତମାନେ ଉତ୍ତର ଆସାମର ଧେମାଜୀ ଜିଲ୍ଲାର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

## ସୁରତ ମେଡିକାଲ କଲେଜ ହଷ୍ଟେଲରେ ଡାକ୍ତରଙ୍କ ଆତ୍ମହତ୍ୟା
## ୪ ବରିଷ୍ଠ ଡାକ୍ତର ନିଲମ୍ବିତ



ନୂଆଦିଲ୍ଲୀ,୧୦।୮: ଗୁଜରାଟର ସୁରତସ୍ଥିତ ସରକାରୀ ମେଡିକାଲ କଲେଜ ହଷ୍ଟେଲରେ ରବିବାର ଜଣେ ୨୯ ବର୍ଷୀୟ ସ୍ନାତକୋତ୍ତର ଡାକ୍ତରଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ହଇରାଣ ଓ ରାଗିଂ ଅଭିଯୋଗ ସାମ୍ନାକୁ ଆସିଛି। ମୃତ ଡାକ୍ତରଙ୍କ ନାମ ହର୍ଷ ପାଣ୍ଡ୍ୟା। ସେ ସୁରତ ସରକାରୀ ମେଡିକାଲ କଲେଜରେ ପ୍ରଥମ ବର୍ଷ ଏମଡି ମାଇକ୍ରୋବାୟୋଲୋଜି ପଢୁଥିଲେ ଏବଂ ନ୍ୟୁ ସିଭିଲ୍ ହସ୍ପିଟାଲ ର ମାଇକ୍ରୋବାୟୋଲୋଜି ବିଭାଗରେ ରେସିଡେଣ୍ଟ ଡାକ୍ତର ଭାବେ କାମ କରୁଥିଲେ।ହର୍ଷ ନିର୍ଦ୍ଧାରିତ ଡ୍ୟୁଟିରେ ନ ପହଞ୍ଚିବାରୁ ତାଙ୍କ ସହକର୍ମୀ ଡାକ୍ତର ଅଙ୍କୁର ଓ ଅନ୍ୟମାନେ ତାଙ୍କୁ ଫୋନ୍ କରିଥିଲେ। ଉତ୍ତର ନ ମିଳିବାରୁ ସେମାନେ ହଷ୍ଟେଲ୍ ରୁମକୁ ଯାଇ ସୁରକ୍ଷାକର୍ମୀଙ୍କୁ ଜଣାଇଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଖାଟୋଦରା ଥାନା ପୁଲିସ ଏହି ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ହର୍ଷଙ୍କ ବାପା ସୁଭାଷ ପାଣ୍ଡ୍ୟା, ଯିଏ ନିଜେ ମଧ୍ୟ ଜଣେ ଡାକ୍ତର, ତାଙ୍କ ପୁଅ କେତେକ ବରିଷ୍ଠଙ୍କ ଦ୍ୱାରା ହଇରାଣ ହେଉଥିବା ପୂର୍ବରୁ ଅଭିଯୋଗ କରିଥିଲେ। ଗୁଜରାଟର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଫୁଲ୍ଲ ପାନସେରିୟା ଆଭ୍ୟନ୍ତରୀଣ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ମଧ୍ୟରେ ଚାରିଜଣ ରେସିଡେଣ୍ଟ ଡାକ୍ତର—ଡାକ୍ତର ନିରାଲି ବାସାଭେ, ଡାକ୍ତର ଅନୁଜ ମହେଶ୍ୱରୀ, ଡାକ୍ତର ଦୀକ୍ଷିତା ଘେଭାରିୟା ଓ ଡାକ୍ତର ହିନା ଭୁଟଙ୍କୁ ୬ ମାସ ପାଇଁ ନିଲମ୍ବିତ କରାଯାଇଛି। ସେମାନଙ୍କୁ ତୁରନ୍ତ ହଷ୍ଟେଲ୍ ଖାଲି କରିବା ସହ ଶିକ୍ଷାଗତ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ କୁହାଯାଇଛି। ଅନ୍ୟପକ୍ଷରେ ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ ଡାକ୍ତର ସୁମୈୟା ମୁଲ୍ଲାଙ୍କ ସମେତ ୪ ଜଣ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି।

## ନକଲି ଆଇଏଏସ୍ ଅଫିସର ଗିରଫ

ନୂଆଦିଲ୍ଲୀ, ୧୦।୮: ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ଗୁପ୍ତ ଏଜେଣ୍ଟ ବୋଲି ପରିଚୟ ଦେଉଥିବା ଜଣେ ନକଲି ଆଇଏଏସ୍ ଅଫିସରଙ୍କୁ ପୋଲିସ ସୋମବାର ଗିରଫ କରିଛି। ‘ଭାରତ ସରକାର’ ବୋର୍ଡ ଲାଗିଥିବା ଏକ କାରକୁ ପୋଲିସ ଜବତ କରିଛି। ମନୀଷ ଗୁପ୍ତା ନାମକ ଉକ୍ତ ନକଲି ଅଫିସର ଟେସଲା କାରରେ ବିହାର ସାରା ଭ୍ରମଣ କରୁଥିଲେ। ଜମଲପୁର ବାସଭବନରୁ ମନୀଷଙ୍କୁ ଗିରଫ କରାଯିବା ପରେ ଘରେ ତଲାସି କରାଯାଇ ଟେସଲା କାରକୁ ଜବତ କରାଯାଇଥିଲା। ଏହା ବ୍ୟତୀତ ତାଙ୍କ ଘରୁ ଏକ ଟାଟା ସଫାରି, ଆମଦାନୀ ମଦ, ଅନେକ ମୋବାଇଲ ଫୋନ୍, ବ୍ୟାଙ୍କ କାର୍ଡ ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଜବତ ହୋଇଛି। ମନୀଷ ନିଜକୁ ଆଇଏଏସ୍ ଅଫିସରର ପରିଚୟ ଦେଇ ବିହାରର ବିଭିନ୍ନ ଅଞ୍ଚଳରେ ଠକେଇ ଓ ଜାଲିଆତି ଚଳାଇଥିଲେ ବୋଲି ଖଗରିଆ ଏସପି ଭାନୁପ୍ରତାପ ସିଂ କହିଛନ୍ତି।

## ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ତାମିଲ ରାଜ୍ୟ ସଙ୍ଗୀତ

ଚେନ୍ନାଇ,୧୦।୮: ତାମିଲନାଡୁ ବିଧାନସଭା ରାଜ୍ୟ ଗୀତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଦ୍ରାବିଡ ମୁନେତ୍ର କାଝଗମ (ଡିଏମକେ) ଏବଂ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ର କାଝଗମ (ଏଆଇଏଡିଏମକେ), କଂଗ୍ରେସ ଦଳ ସହିତ, ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଏହି ପ୍ରସ୍ତାବ ଆଗତ କରିଥିଲେ। ରାଜ୍ୟର ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସଙ୍ଗୀତ ‘ତାମିଲ ଥାଇ ଭାଜଥୁ’ ବଜାଇବା ପାଇଁ ଆନୁଷ୍ଠାନିକ ଭାବରେ ବାଧ୍ୟତାମୂଳକ କରାଯାଇଛି। ଏହା ପରେ ବନ୍ଦେ ମାତରମ୍ ଗାନ କରାଯିବ ବୋଲି ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି।

## ଅଭିଷେକ ବାନାର୍ଜୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୦।୮: ଟିଏମସି ସାଂସଦ ଏବଂ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଆଖି ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ମିଳିଛି। ସୋମବାର ସୁପ୍ରିମକୋର୍ଟ ତାଙ୍କୁ ତିନି ସପ୍ତାହ ପାଇଁ ବିଦେଶ ଯିବାକୁ ଅନୁମତି ଦେଇଛନ୍ତି। ପୂର୍ବରୁ ଅଗଷ୍ଟ ୫ ତାରିଖରେ କୋଲକାତା ହାଇକୋର୍ଟ ତାଙ୍କୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ଦେବାକୁ ମନା କରିଦେଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଏସଏସକେଏମ ହସ୍ପିଟାଲର ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଆଖିର ରୋଗର ଚିକିତ୍ସା କୋଲକାତାରେ ହୋଇପାରିବ କି ବିଦେଶ ଯାତ୍ରା କରିବା ଆବଶ୍ୟକ ତାହା ଜଣାପଡ଼ିବ।ଅଭିଷେକ ବାନାର୍ଜୀ ହାଇକୋର୍ଟଙ୍କର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ସୋଫା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ: ୧୬ ଶ୍ରମିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୦।୮: ସାଉଦି ଆରବର ରିୟାଦର ମୁସା ସନୈୟ ଅଞ୍ଚଳରେ ଏକ ସୋଫା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୬ ଜଣ ପ୍ରବାସୀ ବାଂଲାଦେଶୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ବାଂଲାଦେଶର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଘଟଣାର ସତ୍ୟାସତ୍ୟ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ଦୁଃଖ ଏବଂ ସମବେଦନା ବ୍ୟକ୍ତ କରିଛନ୍ତି। ରିପୋର୍ଟ ଅନୁଯାୟୀ, ରବିବାର ସ୍ଥାନୀୟ ସମୟ ଅପରାହ୍ନ ୩ଟା ୩୦ ସମୟରେ ରିୟାଦର ଖୋର୍ଦ୍ଦମ ଅଞ୍ଚଳସ୍ଥ ସୋଫା କାରଖାନାରେ ଅଗ୍ନିକାଣ୍ଡ ଘଟିଥିଲା । ଘଟଣାର ଖବର ପାଇବା ମାତ୍ରେ ରିୟାଦରେ ଥିବା ବାଂଲାଦେଶୀ ଦୂତାବାସର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ପୀଡିତମାନଙ୍କୁ ଚିହ୍ନଟ କରିବା ସହ ଏ ମୃତଦେହଗୁଡ଼ିକୁ ସ୍ୱଦେଶ ଫେରାଇବା ପାଇଁ ଆବଶ୍ୟକୀୟ ଔପଚାରିକତା ପୂରଣ କରିବା ପାଇଁ ସାଉଦି କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ଭାବରେ ସମନ୍ୱୟ ସ୍ଥାପନ କରୁଛନ୍ତି । ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି ।

# ତାତାରସ୍ତାନରେ ୟୁକ୍ରେନର ଡ୍ରୋନ ଆକ୍ରମଣ: ୧୯ ମୃତ



ନୂଆଦିଲ୍ଲୀ,୧୦।୮: ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନାଁ ନେଉନି । ବରଂ ଦିନକୁ ଦିନ ଦୁଇ ଦେଶ ମଧ୍ୟରେ ଲଢ଼େଇ ଆହୁରି ଭୟଙ୍କର ହେଉଛି। ରୁଷର ତାତାରସ୍ତାନ ଅଞ୍ଚଳରେ ୟୁକ୍ରେନର ଭୟଙ୍କର ଡ୍ରୋନ୍ ଆକ୍ରମଣକୁ ନେଇ ଏବେ ହଇଚଇ ସୃଷ୍ଟି ହୋଇଛି । ନିଜନେକାମସ୍କ ସହରରେ ହୋଇଥିବା ଏହି ଆକ୍ରମଣରେ ୧୯ ଜଣଙ୍କ ମୃତ୍ୟୁ ଓ ୩୯ରୁ ଅଧିକ ଲୋକ ଆହତ ହୋଇଥିବା ଖବର ଆସିଛି । ସ୍ଥାନୀୟ ପ୍ରଶାସନ ଏହାକୁ ଗତ ଦୁଇ ବର୍ଷ ମଧ୍ୟରେ ତାତାରସ୍ତାନ ଉପରେ ହୋଇଥିବା ସବୁଠାରୁ ଗମ୍ଭୀର ଆକ୍ରମଣ ବୋଲି କହିଛି । ଆକ୍ରମଣ ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ନିଜନେକାମସ୍କ ରୁଷର ଏକ ପ୍ରମୁଖ ଶିଳ୍ପ ସହର । ଏଠାରେ ତେଲ ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ ଶିଳ୍ପ ସହ ଅନେକ ବଡ଼ ଶିଳ୍ପ ପ୍ରତିଷ୍ଠାନ ରହିଛି । ଆକ୍ରମଣ ପରେ ସୋସିଆଲ ମିଡିଆରେ ଅନେକ ଭିଡିଓ ସାମ୍ନାକୁ ଆସିଛି । ଭିଡିଓରେ ଜୋରଦାର ବିସ୍ଫୋରଣ ହେଉଥିବା ଦେଖିବାକୁ ମିଳୁଛି । ତେବେ କେଉଁ ଶିଳ୍ପ ପ୍ରତିଷ୍ଠାନ କିମ୍ବା ଠିକଣା ଏହି ଆକ୍ରମଣରେ ସିଧାସଳଖ ପ୍ରଭାବିତ ହୋଇଛି, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ। ଡ୍ରୋନ୍ ଆକ୍ରମଣ ମଧ୍ୟରେ ରୁଷ ନିଜର ଯୁଦ୍ଧ ନୀତି ନେଇ ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ କରିଛି । ୟୁକ୍ରେନ ସହ ଚାଲିଥିବା ସଂଘର୍ଷକୁ କିଛି ସମୟ ପାଇଁ ରୋକିବା କିମ୍ବା ‘ଫ୍ରିଜ୍’ କରିବା ପ୍ରସ୍ତାବକୁ ରୁଷ ଖାରଜ କରିଛି । ରୁଷର ଉପ ବୈଦେଶିକ ମନ୍ତ୍ରୀ ମିଖାଇଲ୍ ଗାଲୁଜିନ୍ କହିଛନ୍ତି, ଯୁଦ୍ଧର ମୂଳ କାରଣ ଦୂର ନକରି କେବଳ ଅସ୍ଥାୟୀ ଯୁଦ୍ଧବିରତି କରିବାର କୌଣସି ଅର୍ଥ ନାହିଁ । ରୁଷ ଏକ ସ୍ଥାୟୀ ସମାଧାନ ଚାହୁଁଛି ବୋଲି ସେ ଦାବି କରିଛନ୍ତି। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କୁ ମଧ୍ୟ ଟାର୍ଗେଟ୍ କରିଛି ରୁଷ । ଗାଲୁଜିନଙ୍କ ଅଭିଯୋଗ ଅନୁସାରେ, ଜେଲେନସ୍କି ବାସ୍ତବତାଠାରୁ ଦୂରେଇ ଯାଇଛନ୍ତି ଏବଂ ସଂଘର୍ଷକୁ ଆହୁରି ତୀବ୍ର କରିବାକୁ ଚାହୁଁଛନ୍ତି । ରୁଷ ପକ୍ଷରୁ ୟୁକ୍ରେନ ଉପରେ ନାଗରିକ ଓ ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ୍ କରିବାର ଅଭିଯୋଗ ମଧ୍ୟ ଅଣାଯାଇଛି । ସେପଟେ କ୍ୟାସ୍ପିଆନ୍ ପାଇପଲାଇନ୍ କନସୋର୍ଟିୟମ୍ ବା ସିପିସି ସହ ଜଡ଼ିତ ସୁବିଧା ଉପରେ ହୋଇଥିବା କଥିତ ଡ୍ରୋନ୍ ଆକ୍ରମଣକୁ ନେଇ ମଧ୍ୟ ରୁଷ ଅସନ୍ତୋଷ ପ୍ରକାଶ କରିଛି । ରୁଷ କହିଛି, ସିପିସି କାଜାଖସ୍ତାନର ଅର୍ଥନୀତି ପାଇଁ ଅତ୍ୟନ୍ତ ଜରୁରୀ । ଏହାର କାର୍ଯ୍ୟକଳାପ ଉପରେ ଆକ୍ରମଣ ହେଲେ ଏହାର ପ୍ରଭାବ କେବଳ ରୁଷ କିମ୍ବା ୟୁକ୍ରେନ ମଧ୍ୟରେ ସୀମିତ ରହିବ ନାହିଁ, ବରଂ ବ୍ୟାପକ ଆର୍ଥିକ ପ୍ରଭାବ ପଡ଼ିପାରେ ବୋଲି ମସ୍କୋ ଦାବି କରିଛି । ରୁଷ କହୁଛି, କେବଳ ଅସ୍ଥାୟୀ ଯୁଦ୍ଧବିରତି ନୁହେଁ, ବରଂ ସଂଘର୍ଷର ମୂଳ କାରଣର ସମାଧାନ ହିଁ ସ୍ଥାୟୀ ଶାନ୍ତିର ରାସ୍ତା । ଅନ୍ୟପଟେ ୟୁକ୍ରେନ ରୁଷର ଭିତର ଅଞ୍ଚଳରେ ଡ୍ରୋନ୍ ଆକ୍ରମଣ ଜାରି ରଖିଥିବାରୁ ସଂଘର୍ଷ ଆହୁରି ଜଟିଳ ହେଉଛି।

### ଡକାୟତି ଯୋଜନା ପଣ୍ଡ

# ‘ପୁଷ୍ପା ଗ୍ୟାଙ୍ଗ’ର ମୁଖ୍ୟ ସମେତ ୩ ଗିରଫ

## ବିପୁଳ ମାରଣାସ୍ତ୍ର ଓ କାର୍ ଜବତ, ୨ ଫେରାର

ସୋନପୁର(ନିପ୍ର): ତରଭା ଥାନା ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ସିବତୁଲା-ଖାରି ରାସ୍ତାରେ ଯାତ୍ରୀ ଓ ଗାଡ଼ି ଚାଳକଙ୍କୁ ଲୁଟିବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଅଚାନକ ଚଢ଼ାଉ କରି କୁଖ୍ୟାତ ‘ପୁଷ୍ପା ଗ୍ୟାଙ୍ଗ’ର ମୁଖ୍ୟ ସମେତ ୩ ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାରଣାସ୍ତ୍ର ଏବଂ ଏକ କାର୍ ଜବତ କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗତ ୯ ତାରିଖ ରବିବାର ସକାଳ ପ୍ରାୟ ୯.୫୦ ସମୟରେ ତରଭା ଥାନା ଏସଆଇ ପ୍ରସନଜିତ ବେହେରା ଓ ଅନ୍ୟ ପୋଲିସ କର୍ମଚାରୀମାନେ ତରଭା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଦିନ ପ୍ରାୟ ୧.୩୦ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ ସିବତୁଲା ଗ୍ରାମ ନିକଟରେ ଏକ ଧଳା ରଙ୍ଗର ହ୍ୟୁଣ୍ଡାଇ ଭେନ୍ୟୁ କାରରେ କିଛି ସନ୍ଦିଗ୍ଧ ବ୍ୟକ୍ତି ମାରଣାସ୍ତ୍ର ଧରି ଏକାଠି ହୋଇଛନ୍ତି। ଖବର ପାଇବା କ୍ଷଣି ପୋଲିସ ଦଳ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ୨ ଜଣ ଖସି ପଳାଇଥିବା ବେଳେ ୩ ଜଣ ଧରାପଡ଼ିଥିଲେ। ପଚରାଉଚରା ବେଳେ ସେମାନେ ରାସ୍ତାରେ ଯାଉଥିବା ଗାଡ଼ି ଚାଳକ ଓ ଯାତ୍ରୀଙ୍କୁ ଡକାୟତି କରିବା ଉଦ୍ଦେଶ୍ୟରେ ଛପି ରହିଥିବା ସ୍ୱୀକାର କରିଥିଲେ। ଗିରଫ ବ୍ୟକ୍ତିମାନେ



ହେଲେ, ପୁଷ୍ପା ଓରଫ ପି. ରାମଲୁ ରାଓ (୨୫) ଶିଶୁପାଳଗଡ଼, ଭୁବନେଶ୍ୱର (ପୁଷ୍ପା ଗ୍ୟାଙ୍ଗର ମୁଖ୍ୟ)। କଦଳୀ ଗୋଦାମ, ବୁଦ୍ଧନଗର, ଲକ୍ଷ୍ମୀସାଗର, ଭୁବନେଶ୍ୱରର ପ୍ରତ୍ୟୁଷ ପ୍ରିୟାଂଶୁ ନାଏକ (୨୦), ସୁବର୍ଣ୍ଣପୁରର ରାଜେଶ ଓରଫ ରାଜନ ନାଏକ (୨୪) । ଏଥିସହ ଗୋଟିଏ ଧଳା ରଙ୍ଗର ହ୍ୟୁଣ୍ଡାଇ ଭେନ୍ୟୁ କାର୍ (ଓଡ଼ି୦ ୨ଡିକେ-୬୩୭୩) ଗୋଟିଏ ଭୁଜାଲି ଓ ଗୋଟିଏ ଛୁରୀ, ଗୋଟିଏ ଲୁହା ପାଇପ୍ ଓ ୨ଟି ବାଡ଼ି ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ୍, ୩ଟି କଳା ମାସ୍କ ଓ ଗୋଟିଏ ରଶି ଜବତ କରାଯାଇଛି । ତଦନ୍ତରୁ ଜଣାପଡ଼ିଛି ଯେ ଗିରଫ ପି. ରାମଲୁ ରାଓ ଓରଫ ପୁଷ୍ପା ହେଉଛି ଭୁବନେଶ୍ୱରର ଜଣେ କୁଖ୍ୟାତ ଅପରାଧୀ। ସେ ରାଜଧାନୀରେ ‘ପୁଷ୍ପା ଗ୍ୟାଙ୍ଗ’ ନାମକ ଏକ ଅପରାଧିକ ଗୋଷ୍ଠୀ ଚଳାଉଥିଲା। ତା’ ନାଁରେ ରାଜଧାନୀର ଖଣ୍ଡଗିରି, ଭରତପୁର, ବଡ଼ଗଡ଼ ଓ କ୍ୟାପିଟାଲ୍ ଆଦି ଥାନାରେ ହତ୍ୟା ଉଦ୍ୟମ, ଡକାୟତି ଓ ଅପହରଣ ଭଳି ୧୩ରୁ ଊର୍ଦ୍ଧ୍ୱ ସଙ୍ଗିନ ମାମଲା ରହିଛି। ସେହିପରି ଅନ୍ୟତମ ଅଭିଯୁକ୍ତ ପ୍ରତ୍ୟୁଷ ନାଁରେ ମଧ୍ୟ ଭୁବନେଶ୍ୱରର ଲକ୍ଷ୍ମୀସାଗର, ବଡ଼ଗଡ଼ ଏବଂ ଢେଙ୍କାନାଳ ଟାଉନ୍ ଥାନାରେ ବିଭିନ୍ନ ଅପରାଧିକ ମାମଲା ରହିଛି। କମିଶନରେଟ୍ ପୋଲିସର କଡ଼ା ନଜରରୁ ବର୍ତ୍ତିବା ପାଇଁ ଏହି ଗ୍ୟାଙ୍ଗ୍ ଭୁବନେଶ୍ୱର ଛାଡ଼ି ସୁବର୍ଣ୍ଣପୁର ଜିଲ୍ଲାକୁ ପଳାଇ ଆସିଥିଲେ। ଏଠାରେ ସେମାନେ ସ୍ଥାନୀୟ ଅଭିଯୁକ୍ତ ରାଜେଶ ସହ ମିଶି ନୂଆ ଅପରାଧ ଘଟାଇବାକୁ ଯୋଜନା କରୁଥିଲେ। ଏ ନେଇ ତରଭା ଥାନାରେ କେସ୍ ନଂ ୨୯୪ (ଦଫା- ୩୧୦(୪)/୩୧୦(୫) ବିଏନ୍ଏସ୍ ଏବଂ ୨୫(୧ବି)(ବି) ଆର୍ମସ୍ ଆକ୍ଟ)ରେ ଏକ ମାମଲା ରୁଜୁ କରାଯାଇଛି। ଫେରାର ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ସୂଚନା ମିଳିଛି।

## ଅଧ୍ୟାପିକାଙ୍କ ସୁନା ଗହଣା ଲୁଟ୍: ଥାନାରେ ଅଭିଯୋଗ

କାକଟପୁର(ନିପ୍ର): କାକଟପୁର ଅଞ୍ଚଳରେ ଏକ ଦିନଦ୍ୱିପ୍ରହର ଲୁଟ୍ ଘଟଣା ସାମ୍ନାକୁ ଆସିଛି। ଜଣେ ଅବସରପ୍ରାପ୍ତ ଅଧ୍ୟାପିକାଙ୍କଠାରୁ ଦୁର୍ବୃତ୍ତମାନେ ଦୁଇଭରିରୁ ଅଧିକ ଓଜନର ସୁନା ଗହଣା ଝାମ୍ପି ନେଇ ଚମ୍ପଟ ମାରିଛନ୍ତି। ମିଳିଥିବା ସୂଚନା ମୁତାବକ, ସୋମବାର ସକାଳ ପ୍ରାୟ ୮ଟା ସମୟରେ କାକଟପୁର ପ୍ରାଚୀ ବିହାର ନିକଟସ୍ଥ ନୂତନ ଭାବେ ନିର୍ମିତ ହେଉଥିବା ପାର୍କ ନିକଟରେ ଏହି ଅଘଟଣ ଘଟିଛି। ଅବସରପ୍ରାପ୍ତ ଅଧ୍ୟାପିକା ଚୌଧୁରୀ ସନ୍ଧ୍ୟାରାଣୀ ଦାସ ପ୍ରାତଃ ଭ୍ରମଣ କରୁଥିବା ସମୟରେ ଏକ କଳା ରଙ୍ଗର ପଲସର ମୋଟରସାଇକେଲରେ ଦୁଇଜଣ ଅଜଣା ଯୁବକ ମୁହଁରେ ରୁମାଲ ବାନ୍ଧି ଆସିଥିଲେ। ସେମାନେ ଅଧ୍ୟାପିକାଙ୍କୁ ରାସ୍ତା ପଚାରିବା ବାହାନାରେ ନିକଟତର ହୋଇଥିଲେ ଏବଂ ଅଚାନକ ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇ କ୍ଷିପ୍ର ଗତିରେ ଫେରାର୍ ହୋଇଯାଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଅଧ୍ୟାପିକା ଜଣକ ରାସ୍ତାରେ ପଡ଼ିଯାଇ ଆହତ ହୋଇଛନ୍ତି। ଏ ନେଇ ପୀଡ଼ିତା ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରାଯାଇଛି। ପୋଲିସ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ତଦନ୍ତ ଆରମ୍ଭ କରିଛି। ତେବେ ଦିନବେଳା ଏପରି ସ୍ପଷ୍ଟ ଦିବାଲୋକରେ ଲୁଟ୍‌ପାଟ୍ ଘଟଣା ଘଟିବା ଯୋଗୁଁ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ମଧ୍ୟରେ ଚିନ୍ତା ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଅଞ୍ଚଳବାସୀ ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି।

## ସର୍ପାଘାତରେ ଶିଶୁପୁତ୍ର ମୃତ, ବାପା ଗୁରୁତର

ଦେବଗଡ: ବିଷାକ୍ତ ସାପ କାମୁଡ଼ାରେ ଆଜି ଜଣେ ୨ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି । ତିଳେଇବଣି ବ୍ଲକ ଝରାଗୋଗୁଆ ପଞ୍ଚାୟତ ଅନ୍ତର୍ଗତ ତିଳେଇମାଳ ଗ୍ରାମରେ ଏଭଳି ଅଘଟଣ ହୋଇଛି । ସେପଟେ ବାପ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣା ପଡିଛି । ମୃତ ଶିଶୁ ଜଣକ ନୀତେଶ କିଷାନ (୨ ମାସ ) ହୋଇଥିବା ବେଳେ ଗୁରୁତର ପିତା ରାମଚନ୍ଦ୍ର କିଷାନ । ସୂଚନା ଅନୁଯାଇ ଅନ୍ୟଦିନ ଭଳି ଗତକାଲି ରାତିରେ ମଧ




ରାମଚନ୍ଦ୍ରର ପରିବାର ଖିଆପିଆ ସାରି ଶୋଇ ପଡ଼ିଥିଲେ । ତେବେ ସକାଳ ୬. ୩୦ ମିନଟରେ ଘର ବାରଣ୍ଡାରେ ଶୋଇଥିବା ସମୟରେ ଶିଶୁପୁତ୍ରଟି ଉଠି ନଥିବା ବେଳେ ବାପା ରାମଚନ୍ଦ୍ର ହଠାତ ଗୁରୁତର ହେବା ସହ ତାଙ୍କ ଗୋଡ଼ କାମ କରିନଥିଲା । ପରିବାର ଲୋକେ ଯାଞ୍ଚ କରିବାରୁ ରାମଚନ୍ଦ୍ରଙ୍କ ଗୋଡ଼ରେ ସାପ କାମୁଡ଼ିଥିବା ଚିହ୍ନ ଦେଖିବା ପରେ ସର୍ପାଘାତ ରେ ଏଭଳି ଅଘଟଣ ଘଟିଥିବା ଜଣା ପଡିଥିଲା । ତେବେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାର ଲୋକ ସର୍ପାଘାତରେ ଗୁରୁତର ବାପ ପୁଅଙ୍କୁ ଡାକ୍ତରୀ ଚିକିତ୍ସା ପରିବର୍ତ୍ତେ ଝଡାଫୁଙ୍କା କରିଥିଲେ । ଝଡାଫୁଙ୍କା କରୁଥିବା ବେଳେ ଶିଶୁପୁତ୍ରର ଜୀବନ ଯାଇଥଇବା ସନ୍ଦେହ ହୋଇଛି । ଗୁରୁତର ପିତା ରାମଚନ୍ଦ୍ର ମଧ ଝଡାଫୁଙ୍କାରେ ଲାଗିଥିବା ବେଳେ କେତେକ ଯୁବକ ବୁଝାସୁଝା କରି ଚିକିତ୍ସା ପ୍ରଥମେ ତିଳେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତୀ କରିଥିଲେ । ହେଲେ ଅବସ୍ଥା ଶଙ୍କଟାପନ୍ନ ହେବାରୁ ମଧାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେ ଏବେ ମଧ ଚିକିତ୍ସାଧୀନ ଥିବା ଜଣା ପଡିଛି ।

---

## ଦୁଇ ୱାରେଣ୍ଟି ଗିରଫ

ଭାପୁର(ନିପ୍ର): ଫତେଗଡ଼ ଥାନା ବଡ଼ସହରା ପଞ୍ଚାୟତ ଗୋପାଳପ୍ରସାଦ ଗ୍ରାମର କେଶବ ପ୍ରଧାନଙ୍କ ପୁଅ ସୁମନ୍ତ ପ୍ରଧାନ ୨୦୧୪ ମସିହାରେ ଗ୍ରାମ୍ୟ ଗଣ୍ଡୋଗଳକୁ ନେଇ ଜି.ଆର.କେସ ନଂ ୨୪୭/୧୪ ମାମଲା ରେ ଗିରଫ ହୋଇଥିବାବେଳେ ବାଦଭୂଇଁ ଗ୍ରାମର କାଶୀନାଥ ଜେନାଙ୍କ ପୁଅ ବଳଭଦ୍ର ଜେନା ୨୦୧୯ ମସିହା ଜିଆର କେସ ନଂ ୨୮୧/୧୯ ମାମଲାରେ ପାରିବାରିକ ଗଣ୍ଡୋଗଳକୁ ନେଇ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ମାନ୍ୟବର କୋର୍ଟରେ ଜାମିନି ନ ମିଳିବାରୁ ଜେଲ ହାଜତକୁ ପଠା ଯାଇଥିବା ଥାନା ସୂତ୍ରରୁ ପ୍ରକାଶ।

---

## ଯୁବ ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ

ଜଳେଶ୍ୱର : ଯୁବ ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ସୋମବାର ଅପରାହ୍ନରେ ଏଭଳି ଅଭାବନୀୟ ଘଟଣା ସାମନାକୁ ଆସିଛି । ସୂଚନା ମୁତାବକ




ଆଇନଜୀବୀ ସିଦ୍ଧାର୍ଥ ଦାସ କୋର୍ଟରୁ କାମ ସାରି ଘରକୁ ଫେରୁଥିଲେ । ଜଳେଶ୍ୱର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶାନ୍ତିଆ ନିକଟରେ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି । ଆକ୍ରମଣରେ ତାଙ୍କର ଡାହାଣ ପାଖ କାନ୍ଧ ଏବଂ ଦୁଇ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଛି । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି । ତେବେ କଣ ପାଇଁ ଏବଂ କିଏ ଆକ୍ରମଣ କରିଛି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନାହିଁ । ଏହି ଘଟଣାରେ ଅଧିକ ତଦନ୍ତ କରୁଛି ଜଳେଶ୍ୱର ପୋଲିସ।

## ପୋଖରୀକୁ ଓଲଟିଲା ଟ୍ରାକ୍ଟର: ଚାଳକ ମୃତ

ବାଲିପାଟଣା(ନିପ୍ର): ପୋଖରୀକୁ ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି । ଘଟଣାଟି ଘଟିଛି ଏହି ଥାନା ଅନ୍ତର୍ଗତ ଗୁଆପୁରଠାରେ । ମୃତ ଚାଳକ ହେଲେ ବନମାଳୀପୁର ମାର୍ଥାପୁର ପଞ୍ଚାୟତ ଆଲୋଇ ଗ୍ରାମର ସୌମ୍ୟରଞ୍ଜନ କାଣ୍ଡି । ସୂଚନା ଅନୁସାରେ ସୌମ୍ୟ ବାଲି ଆଣିବା ପାଇଁ ଟ୍ରାକ୍ଟର ନେଇ ଯାଉଥିବା ବେଳେ ଗୁଆପୁର ରାସ୍ତାରେ କୌଣସି କାରଣରୁ ଟ୍ରାକ୍ଟରଟି ଏକ ପୋଖରୀରେ ପଶି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପୋଖରୀଟି ଗଭୀର ଥିବାରୁ ଟ୍ରାକ୍ଟର ଇଂଜିନ ପାଣିରେ ବୁଡିଯିବା ସହିତ ଚାଳକ ସୌମ୍ୟ ମଧ୍ୟ ଏହି ଇଂଜିନରେ ଚାପିହୋଇ ରହିଥିଲେ । ବାଲିପାଟଣା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟର ଇଂଜିନ ତଳୁ ସୌମ୍ୟଙ୍କୁ ଉଦ୍ଧାର କରିଥିଲେ । ତାଙ୍କୁ ତୁରନ୍ତ ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ ।

---

## ଜଗତପୁର ରେଳ ଧାରଣାରୁ ମୃତଦେହ ଉଦ୍ଧାର

କଟକ(ନିପ୍ର): ସ୍ଥାନୀୟ ଜଗତପୁର ରେଳ ଧାରଣାରୁ ଏକ ମୃତ ଦେହ ମିଳିଛି । ଜଗତପୁର ପଟୁ ମହାନଦୀର ଠିକ ପୂର୍ବରୁ ଜଣେ ପୁରୁଷଙ୍କ ମୃତ ଦେହ ମିଳିଛି । ମୃତ ଦେହରୁ ମୁଣ୍ଡ କଟି ଅଲଗା ଏକ ଟ୍ରାକରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ଜିଆରପିକୁ ଖବର ଦେଇଥିଲେ । ଜିଆରପି ଘଟଣା ସ୍ଥଳରେ ପହଂଚି ମୃତ ଦେହକୁ ଜବତ କରି ପୋଷ୍ଟମୋର୍ଟମ ପାଇଁ ଏସସିବିକୁ ପଠାଇଛି । ମୃତକଙ୍କ ବୟସ ପ୍ରାୟ ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ମୃତକ ପ୍ୟାଣ୍ଟ ସାର୍ଟ ପିନ୍ଧି ବେଲ୍ଟ ବାନ୍ଧିଥିବା ଦେଖାଯାଇଛି । ମୃତକଙ୍କ ପରିଚୟ ମିଳିନାହିଁ । ତେବେ ମୃତକ ଆତ୍ମହତ୍ୟା କରିଛନ୍ତି ବା ଅସାବଧାନତାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ବା ଅନ୍ୟ କେହି ମୁଣ୍ଡ କାଟି ଆଣି ଫିଙ୍ଗିଛନ୍ତି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ । ତେବେ ଜିଆରପି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

---

### ମୋଟରସାଇକେଲ୍ ଚଳାଇବା ବେଳେ ଯୁବକ ଅଚେତ

## ଏଚ୍‌ପିପି-୧ ଟିମ୍ ଦ୍ୱାରା ଉଦ୍ଧାର: ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି

ନିରାକାରପୁର(ନିପ୍ର): ୧୬ ନଂ ଜାତୀୟ ରାଜପଥର ଖୋରଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଗୋଡ଼ିପଡ଼ା ଲହଙ୍ଗା ପୋଲ ନିକଟରେ ସୋମବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମୋଟର ସାଇକେଲ୍‌ରେ ଯାତ୍ରା କରୁଥିବା ସମୟରେ ହଠାତ୍ ଜଣେ ଯୁବକ ଅଚେତ ହୋଇପଡ଼ିଥିଲେ। ହାଇୱେ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ନିରାକାରପୁର ରଥ କଲୋନୀର ସୂରଜ ତ୍ରିପାଠୀଙ୍କ ପୁଅ ମଳୟ ତ୍ରିପାଠୀ ପୂର୍ବାହ୍ନ ପ୍ରାୟ ୧୧ଟା ୨୦ ମିନିଟ୍ ସମୟରେ ମୋଟରସାଇକେଲ୍ ଯୋଗେ ୧୬ ନଂ ଜାତୀୟ ରାଜପଥର ବ୍ରହ୍ମପୁର-ଭୁବନେଶ୍ୱର ଲେନ୍ ଦେଇ ଯାଉଥିଲେ। ଗୋଡ଼ିପଡ଼ା ଲହଙ୍ଗା ପୋଲ ଅତିକ୍ରମ କରୁଥିବା ସମୟରେ ହଠାତ୍ ତାଙ୍କର ବାତ ମାରିବାରୁ ସେ ଅଚେତ ହୋଇପଡ଼ିଥିଲେ। ଖବର ପାଇ ହାଇୱେ ପାଟ୍ରୋଲିଂ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ପ୍ରାଥମିକ ସହାୟତା ଯୋଗାଇ ଦେଇଥିଲେ। ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଟିମ୍‌ର ଏହି ତତ୍କାଳ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଯୁବକଙ୍କ ପ୍ରାଣ ରକ୍ଷା ହୋଇପାରି ଥିବାରୁ ସ୍ଥାନୀୟ ଅଞ୍ଚଳରେ ପୋଲିସର ଏହି ତତ୍ପରତାକୁ ପ୍ରଶଂସା କରାଯାଇଛି।

# ପେସାଦାର ବାଇକ ଲୁଟେରା ସମେତ ୨ ଗିରଫ

### ୭ ଚୋରି ଗାଡ଼ି ଜବତ

କଟକ(ନିପ୍ର): ଏସସିବି ମେଡିକାଲରୁ ମୋଟର ସାଇକେଲ ଚୋରି କରୁଥିବା ଜଣେ ଚୋର ଓ ଚୋରି ମୋଟର ସାଇକେଲ କିଣି ବିକ୍ରି କରୁଥିବା ଜଣେ କବାଡିଆକୁ ମଙ୍ଗଳାବାଗ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭ଟି ମୋଟର ସାଇକେଲ ଓ କେତେକ ସ୍କ୍ରାପ ଜବତ କରିଛି । ଗିରଫ ଲୁଟେରା ଯାଜପୁର ଟାଉନ ଥାନା ଅନ୍ତର୍ଗତ ନୂଆ ଗୋବିନ୍ଦପୁରର ମାନସ ରଞ୍ଜନ ପାଲ (୩୫) ଓ କବାଡିଆ ଯାଜପୁର ଟାଉନ ଥାନା ଅନ୍ତର୍ଗତ ଶୀତଳେଶ୍ୱରର ପିତାମ୍ବର ବେହେରା (୪୫) କ୍ଷ ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୭ ତାରିଖରେ ଏସସିବି ମେଡିକାଲ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ସମ୍ମୁଖରୁ ସେକ ନଜମୁଲ ଜମ୍ମାଙ୍କ ହୁଣ୍ଡା ୟୁନିକର୍ଣ (ଓଡି ୩୩ ପି ୩୮୩୭) ଚୋରି ହୋଇଥିଲା । ସେ ଥାନାରେ ଅଭିଯୋଗ କରିଥିଲେ । ଏହାପରେ ସମ୍ପୃକ୍ତ ଜୋନ ଏସିପି ଗିରିଜା ଚକ୍ରବର୍ତ୍ତୀ ଓ ଥାନାଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠିତ ହୋଇଥିଲା । ସିସିଟିଭି ଫୁଟେଜ ଓ ଗୁଇନ୍ଦା ତଥ୍ୟ ଆଧାରରେ ଅଭିଯୁକ୍ତ ମାନସକୁ ପୋଲିସ



ଧରିବା ପରେ ତା ସୂଚନା ଅନୁଯାୟୀ କବାଡିଆକୁ ଗିରଫ କରାଯାଇଥିଲା ଓ ଗାଡି ଗୁଡିକୁ ଜବତ କରାଯାଇଥିଲା । ମାନସ ଗାଡି ଚୋରି କରି କବାଡିଆ ପିତାମ୍ବରକୁ ୬ ହଜାର ବା ୭ ହଜାର ଟଙ୍କାରେ ବିକ୍ରି କରୁଥିଲା । ପିତାମ୍ବର ସେଗୁଡିକୁ ସ୍କ୍ରାପ କରି ବିକ୍ରି କରୁଥିଲା । ମାନସ ଜଣେ ପେସାଦର ଗାଡି ଚୋର । ତା’ ନାମରେ କଟକ, ଯାଜପୁର, ଭଦ୍ରକ ଆଦି ଜିଲ୍ଲାର ବିଭିନ୍ନ ଥାନାରେ ୧୫ଟି ମାମଲା ରହିଥିବା ବେଳେ ପିତାମ୍ବର ବିରୋଧରେ ୩ଟି ମାମଲା ଥିବା ଜଣାପଡିଛି । ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କାଉଡ଼ିଆଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ: ୧୭ ଆହତ

ଜଗତସିଂହପୁର: ଭୟଙ୍କର ଦୁର୍ଘଟଣାର ଶିକାର ହେଲା କାଉଡ଼ିଆଙ୍କୁ ଧରି ଫେରୁଥିବା ଏକ ପିକଅପ୍ ଗାଡ଼ି। ଏଥିରେ ୧୭ କାଉଡ଼ିଆ ଆହତ ହୋଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୋମବାର ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା କଟକ-ପାରାଦୀପ ରାସ୍ତାର କୋଟକଣା ଛକ ନିକଟରେ। ମିଳିଥିବା ସୂଚନା ଅନୁସାରେ, କାଉଡ଼ିଆଙ୍କୁ ନେଇ ଫେରୁଥିବା ଏକ ପିକଅପ୍ ଭାରସାମ୍ୟ ହରାଇ ଛକ ନିକଟରେ ଥିବା ବାବା ଗୋରେଖନାଥଙ୍କର ଏକ ହୁଣ୍ଡି ସହ ପିଟି ହୋଇଥିଲା । ଫଳରେ ଏଥିରେ ଥିବା ୧୭ ଜଣ କାଉଡ଼ିଆ ଆହତ ହୋଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୬ ମହିଳା ଏବଂ ୨ ଶିଶୁ ଥିବା ଜଣାପଡ଼ିଛି। ଗାଡ଼ିରେ ଥିବା କାଉଡ଼ିଆମାନେ ନୟାଗଡ଼ରୁ ପାଣି ଢାଳି କୁଜଙ୍ଗ ଅଞ୍ଚଳକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ । ସମସ୍ତ ଆହତ ଓ ଗୁରୁତରଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ହାତୀର ଗଳିତ କଙ୍କାଳ ଉଦ୍ଧାର

କାମାକ୍ଷାନଗର : ଜଙ୍ଗଲରୁ ହାତୀର ଗଳିତ କଙ୍କାଳ ଉଦ୍ଧାର ହୋଇଛି । ଢେଙ୍କାନାଳ ଜିଲ୍ଲା ମହାବିରୋଡ଼ ରେଞ୍ଜର ଟମ୍ପେଇ ଗାଁ ନିକଟ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରୁ ହାତୀର ଗଳିତ କଙ୍କାଳ ଉଦ୍ଧାର ହୋଇଛି । ହାତୀଟିର ବୟସ




ଆନୁମାନିକ ୬ରୁ ୭ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ପ୍ରାଥମିକ ଭାବେ ଅନୁମାନ କରାଯାଉଛି । ଘଟଣାସ୍ଥଳରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ ସ୍ୱାଇଁ ଓ ଢେଙ୍କାନାଳ ଡିଏଫଓ ପହଞ୍ଚି ତଦନ୍ତ କରୁଛନ୍ତି । ମହାବିରୋଡ଼ ରେଞ୍ଜ ଟମ୍ପେଇ ଗାଁ ନିକଟ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରୁ ମିଳିଲା ହାତୀର ଗଳିତ କଙ୍କାଳ । ଜଙ୍ଗଲ ଭିତରେ ହାତୀର କଙ୍କାଳ ପଡ଼ିଥିବା ନେଇ ସୂଚନା ପାଇବା ପରେ ବନ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ହାତୀର ମୃତ୍ୟୁ କେବେ ଓ କେଉଁ କାରଣରୁ ହୋଇଥିଲା, ସେନେଇ ତଦନ୍ତ ଜାରି ରହିଛି ।

## ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

ଆସିକା(ନିପ୍ର): ତିନିଦିନ ଧରି ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତ ଦେହ ଉଦ୍ଧାର ହୋଇଛି। ପ୍ରକାଶ ଥାଉକି ଆସିକା ଥାନା କମାଗଡ଼ ଗ୍ରାମର ଶଙ୍କର ବେହେରା (୭୦) ଗତ ୮ ତାରିଖରେ ବିଲକୁ କାମ କରିବାକୁ ଯାଇ ଆଉ ଫେରିନଥିଲେ। ବହୁତ ଖୋଜା ଖୋଜି ପରେ ଶଙ୍କରଙ୍କୁ ନ ପାଇବାରୁ ଶଙ୍କର ବେହେରାଙ୍କ ବୋହୁ ଜୋତ୍ସ୍ନା ବେହେରା ଆସିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆସିକା ପୋଲିସ ଥାନା କେସ ନମ୍ବର ୨୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଦମକଳ ବାହିନୀ ଓ ଆସିକା ପୋଲିସ ବହୁତ ଖୋଜା ଖୋଜି ପରେ ସରାଘାଇ କେନାଲରୁ ଶବକୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଛେଦ ପରେ ପୋଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

### କ୍ରାଇମବ୍ରାଞ୍ଚରେ ସୌମ୍ୟଙ୍କ ବାପା ହାଜର

# ତଦନ୍ତକାରୀ ଅଧିକାରୀଙ୍କୁ ଅଧିକ ତଥ୍ୟ ଦେଲେ

କଟକ(ନିପ୍ର): ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ମାମଲାକୁ ନେଇ ଏବେ ବି ଅନେକ ପ୍ରଶ୍ନର ଉତ୍ତର ମିଳିନାହିଁ। ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତକୁ ଯିବା ପରେ ଗୋଟିଏ ପରେ ଗୋଟିଏ ଦିଗକୁ ନେଇ ତଦନ୍ତ ଚାଲିଛି। ଏହାରି ମଧ୍ୟରେ ସୌମ୍ୟରଞ୍ଜନଙ୍କ ବାପା କ୍ରାଇମବ୍ରାଞ୍ଚରେ ହାଜର ହୋଇ ତଦନ୍ତକାରୀ ଅଧିକାରୀଙ୍କୁ କିଛି ଅତିରିକ୍ତ ତଥ୍ୟ ଦେଇଥିବା ଜଣାପଡ଼ିଛି। ସୌମ୍ୟରଞ୍ଜନଙ୍କ ସମ୍ପର୍କିତ ବିଭିନ୍ନ ହ୍ୱାଟ୍ସଆପ୍ ଚାଟ୍ ଥିବା ଏକ ପେନ୍‌ଡ୍ରାଇଭ୍ କ୍ରାଇମବ୍ରାଞ୍ଚ ନିକଟରେ ଦାଖଲ କରାଯାଇଛି। ଏହି ଡିଜିଟାଲ ତଥ୍ୟ ତଦନ୍ତରେ କେତେଦୂର ସହାୟକ ହେବ, ତାହା ଉପରେ ଏବେ ନଜର ରହିଛି। ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ମେ’ ୭ ତାରିଖରେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ଏକ ରାସ୍ତା ଦୁର୍ଘଟଣା ପରେ ବିବାଦ ସୃଷ୍ଟି ହୋଇଥିଲା। ଏହା ପରେ ସୌମ୍ୟରଞ୍ଜନ ଓ ତାଙ୍କ ସହ ଥିବା ଓମ୍ ପ୍ରକାଶ ରାଉତଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏଥିରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରଥମେ ବାଲିଅନ୍ତା ଥାନା ପୁଲିସ ମାମଲାର ତଦନ୍ତ କରୁଥିବା ବେଳେ ପରେ ମାମଲାଟି କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ପୁଲିସର କାର୍ଯ୍ୟପନ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା ଏବଂ ଚାରିଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା। ମାମଲାର ତଦନ୍ତ ଆଗକୁ ବଢ଼ିବା ସହ ଅଭିଯୁକ୍ତଙ୍କ ଗିରଫଦାରୀ ମଧ୍ୟ ଜାରି ରହିଛି। ଏହି ଘଟଣାରେ ମୋଟ ୧୮ ଜଣ ଗିରଫ ହୋଇଛନ୍ତି । ତଥାପି ଘଟଣାର ସମସ୍ତ ପରିସ୍ଥିତି ଓ ଏଥିରେ କାହାର କେତେ ଭୂମିକା ଥିଲା, ସେନେଇ ତଦନ୍ତ ଜାରି ରହିଥିବା କୁହାଯାଇଥିଲା। ଏବେ ସୌମ୍ୟଙ୍କ ବାପାଙ୍କ ପକ୍ଷରୁ ଦିଆଯାଇଥିବା ହ୍ୱାଟ୍ସଆପ୍ ଚାଟ୍ ସମ୍ବଳିତ ପେନ୍‌ଡ୍ରାଇଭ୍ ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇପାରେ। ତେବେ ଏହି ଚାଟ୍‌ରେ କ’ଣ ରହିଛି କିମ୍ବା ସେଥିରୁ କୌଣସି ନିର୍ଦ୍ଦିଷ୍ଟ ସୁରାକ୍ ମିଳିଛି କି ନାହିଁ, ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ। ପୂର୍ବରୁ ମଧ୍ୟ ଏହି ମାମଲା ସହ ଜଡ଼ିତ କିଛି କଥିତ ଅଡିଓ ଓ ହ୍ୱାଟ୍ସଆପ୍ ଚାଟ୍ ସାମ୍ନାକୁ ଆସିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ସେଗୁଡ଼ିକୁ ନେଇ ତଦନ୍ତରେ ନୂଆ ପ୍ରଶ୍ନ ଉଠିଥିଲା। ସୌମ୍ୟରଞ୍ଜନଙ୍କ ପରିବାର ଆରମ୍ଭରୁ ଘଟଣାରେ ଜଡ଼ିତ ସମସ୍ତଙ୍କୁ ଗିରଫ କରିବା ଏବଂ ଘଟଣାର ପୂରା ସତ୍ୟ ସାମ୍ନାକୁ ଆଣିବାକୁ ଦାବି କରିଆସୁଛନ୍ତି। ପରିବାର ପକ୍ଷରୁ ତଦନ୍ତକୁ ନେଇ ଅସନ୍ତୋଷ ମଧ୍ୟ ପ୍ରକାଶ କରାଯାଇଥିଲା। ମେ’ ୩୧ରେ ପରିବାର ସମସ୍ତ ଅଭିଯୁକ୍ତଙ୍କ ଗିରଫ ସହ କିଛି ବ୍ୟକ୍ତିଙ୍କ ପଲିଗ୍ରାଫ୍ ପରୀକ୍ଷା ଦାବି କରିଥିଲେ।

## ମହିଳାଙ୍କୁ ନିର୍ଯାତନା: ଥାନାରେ ଅଭିଯୋଗ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ରୁପଦେଇପୁର ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁ ଘର ଲୋକେ ନିର୍ଯ୍ୟାତନା ଦେବା ସହ ଶଶୁର ଇଜ୍ଜତ ନେବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ୩୪/୨୬ ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ରୁପଦେଇପୁର ଗ୍ରାମର ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ପତ୍ନୀ ରଶ୍ମିତା ଦାଶ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରଶ୍ମିତା ବୈଦିକ ରୀତିରେ ରାଜେନ୍ଦ୍ରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଶାଶୁ ଘର ଲୋକେ ରାଜେନ୍ଦ୍ର ଚାକିରି କରିଥିବା ଓ ତାଙ୍କର ଅନେକ ଜମିବାଡି ଥିବା ନେଇ ରଶ୍ମିତାଙ୍କ ପରିବାରକୁ କହିଥିଲେ। ବିବାହର ମାସକ ପରେ ରାଜେନ୍ଦ୍ର ଜଣେ ମାନସିକ ରୋଗୀ ଓ ସେ କୌଣସି ଚାକିରି କରି ନଥିବା ଜାଣିବାକୁ ପାଇଥିଲେ । ରଶ୍ମିତା ଏନେଇ ପ୍ରତିବାଦ କରିବାରୁ ଶାଶୁ-ଶ୍ୱଶୁର ଧମକ ଦେଇଥିଲେ । କିଛି ଦିନ ତଳେ ଶାଶୁ ଘର ଲୋକେ ରଶ୍ମିତାଙ୍କ ସୁନା ଲକେଟ୍‌କୁ ବନ୍ଧା ପକାଇ କରଜ ଟଙ୍କା ଶୁଝିଥିଲା ବେଳେ ପରବର୍ତ୍ତୀ ସମୟରେ ଉକ୍ତ ଲକେଟ୍‌କୁ ମୁକୁଳାଇ ଆଣିବେ ବୋଲି କହିଥିଲେ। ନିକଟରେ ଜମିକୁ ବିକ୍ରୀ କରି ଘରେ ଟଙ୍କା ରଖିଥିଲେ। ରଶ୍ମିତା ଘରେ ଟଙ୍କା ଥିବା ଜାଣି ତାଙ୍କ ଲକେଟ୍‌କୁ ମୁକୁଳାଇ ଆଣିବାକୁ ଶଶୁରଙ୍କୁ କହିଥିଲେ । ଏହାଶୁଣି ଶଶୁର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ସେମାନଙ୍କ କଥାରେ ନଗଲେ ଶଶୁର ତାଙ୍କୁ ପତ୍ନୀ କରି ରଖିବାକୁ ଧମକ ଦେଇଥିଲେ ବୋଲି ରଶ୍ମିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

